THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ



ଜ୍ଞାନ ଓ ଅନୁଶାସନ ଜରିଆରେ ଆର୍ଥିକ ଶାନ୍ତି ଆମ ସମସ୍ତଙ୍କ ପାଇଁ ସମ୍ଭବ ବୋଲି ମୋର ବିଶ୍ୱାସ ।
– ଡେଭ୍ ରାମ୍‌ସି

♦ବର୍ଷ–୨ ♦ସଂଖ୍ୟା–୧ ♦ବରଗଡ଼ ♦୧୧–୧୭ ନଭେମ୍ବର ୨୦୨୨ ♦୫ ଟଙ୍କା ♦ପୃଷ୍ଠା–୮ ♦VOL-2 ♦ISSUE- 1♦BARGARH ♦ 11-17 NOVEMBER 2022 ♦RS.5/- ♦PAGE-8

ନିଜ ମାଟିର ମୋହରେ ଭିନ୍ନତା ରହିଛି: ରାଷ୍ଟ୍ରପତି
ପୃଷ୍ଠା–୩→



ଅଭିନୟ ପାଇଁ ପାଠପଢ଼ାରେ ଡୋର
ପୃଷ୍ଠା–୫→



ଗାଁକୁ ଭଲ ରାସ୍ତାଟିଏ ନାହିଁ: ପୋଲ ନିର୍ମାଣ ଦାବ
ପୃଷ୍ଠା–୭→



ଉତ୍କଳୀୟ ନୌବାଣିଜ୍ୟର ମୁକସାକ୍ଷୀ ବାଲିଯାତ୍ରା
ପୃଷ୍ଠା–୮→



# ପଦ୍ମପୁର ପାଇଁ ପାଗଭିଡ଼ା ଆରମ୍ଭ

## ଚାଲିଛି ୩ ପ୍ରମୁଖ ଦଳଙ୍କ ପ୍ରାର୍ଥୀ ଖୋଜା
## ଧାମନଗର ଝଟ୍‌କା ପରେ ବଦଳିଲା ରଣନୀତି
## ପଦ୍ମପୁରରେ ପଦ୍ମ ଫୁଟାଇବା ଲକ୍ଷରେ ବିଜେପି

ଭୁବନେଶ୍ୱର/ବରଗଡ଼: ଧାମନଗର ଉପନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ବରଗଡ଼ ଜିଲ୍ଲାର ପଦ୍ମପୁର ଉପନିର୍ବାଚନକୁ ନେଇ ଆରମ୍ଭ ହୋଇଛି ପାଗଭିଡ଼ା । ଡିସେମ୍ବର ୫ରେ ଭୋଟ୍ ଗ୍ରହଣ ହେବ ବୋଲି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ଶିବିରରେ ରାଜନୈତିକ ପାଣିପାଗ ସରଗରମ ହୋଇଯାଇଛି । କିଏ କେଉଁ ଦଳରୁ ପ୍ରାର୍ଥୀ ହେବେ ତାକୁ ନେଇ ମାନସମନ୍ଥନ ଆରମ୍ଭ ହୋଇଥିବା ବେଳେ ପଦ୍ମପୁର ପାଇଁ କସରତ ଆରମ୍ଭ ହୋଇଛି । ବିଜେପି ଓ ବିଜେଡି ସେମାନଙ୍କର ବରିଷ୍ଠ ନେତାଙ୍କୁ ଦାୟିତ୍ୱ ବଣ୍ଟିଛି । ଧାମନଗର ଜୋସ୍‌ରେ ପଦ୍ମପୁରରେ ବି ପଦ୍ମ ଫୁଟାଇବା ପାଇଁ ବିଜେପିର ଲକ୍ଷ୍ୟ । ଏପଟେ ଧାମନଗର ଧକ୍କାର ବଦଳା ପଦ୍ମପୁରରେ ନେବାକୁ ରଣନୀତି ପ୍ରସ୍ତୁତ କରିଛି ବିଜେଡି । ଅନ୍ୟପଟେ ନେତାମାନେ ମଇଦାନକୁ ଓହ୍ଲାଇବା ପୂର୍ବରୁ ଭୋଟରଙ୍କ ପାଖରେ ମାଳ ମାଳ ପ୍ରସଙ୍ଗ । ମୁଖ୍ୟ ମୁଦ୍ଦା ଚାଷ ଓ ଚାଷୀଙ୍କ ସମସ୍ୟା । ଜଳସେଚନର ଅଭାବରୁ ମାତ୍ର ଚାରି ମାସ ଚାଷ ଆଉ ସେତିକି ବିକି ଚାଷୀ ମୂଲ୍ୟ ପାଇବାରେ ବି ସମସ୍ୟା । ବିଳମ୍ବରେ ମଣ୍ଡି ଖୋଲୁଥିବାରୁ, ଏଠି ଅଭାବି ବିକ୍ରୀ ଚାଷୀଙ୍କ ବଡ଼ ସମସ୍ୟା । ପୁଣି ଗତ ବର୍ଷ ମରୁଡି ହୋଇଥିଲେ ବି ବୀମାରାଶି ପାଇନାହାନ୍ତି ଚାଷୀ । ଏମିତି ସ୍ଥିତି ପାଇଁ ଏଠି ପ୍ରତିବର୍ଷ ଦାଦନ ଖଟି ଯାଆନ୍ତି ଅନେକ । ତେଣୁ ଆଉ ଏକ ମୁଖ୍ୟ ମୁଦ୍ଦା ହେଲା ଦାଦନ ଦୁଃଖ । ଏହା ବାଦ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦାବି ଏବେ ମୁଣ୍ଡ ଟେକିଛି । ଏସବୁ ସମସ୍ୟା ଲାଗି ରହିଥିବାରୁ ଲୋକଙ୍କ ସାମ୍ନା କରିବାକୁ ସହଜ ହେବନି ।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପଦ୍ମପୁର ଉପନିର୍ବାଚନ ତିନି ରାଜନୈତିକ ଦଳ ପାଇଁ ଅନେକ ଗୁରୁତ୍ୱ ବହନ କରୁଛି । ତେଣୁ ପଦ୍ମପୁର ଜିତିବା ଲାଗି ବିଭିନ୍ନ ଦଳ ଜୋରଦାର ପ୍ରୟାସ କରିବେ । ତେବେ ବିଜେପି ଓ ବିଜେଡି ଭିତରେ ସିଧାସଳଖ କଡ଼ା ଟକ୍କର ହେବ ବୋଲି ଅନୁମାନ କରାଯାଉଛି । ୨୦୧୯ ସାଧାରଣ ନିର୍ବାଚନରେ ଏଠାରେ ବିଜେଡି ବିଜୟୀ ହୋଇଥିଲା । ୨୦୧୯ରେ ପଦ୍ମପୁର ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଜୟ ରଞ୍ଜନ ସିଂ ବରିହାଙ୍କୁ ୯୩ ହଜାର୨୯୯ ଭୋଟ ମିଳିଥିଲା । ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ୭୭ ହଜାର ୫୬୫ ଭୋଟ ପାଇଥିଲେ । ସେହିପରି କଂଗ୍ରେସ ପ୍ରାର୍ଥୀଙ୍କୁ ୩୨ ହଜାର ୭୮୭ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ୨୦୧୪ରେ ଏହି ଆସନ ବିଜେପି ଖାତାକୁ ଆସିଥିଲା । ପଦ୍ମପୁର ପାଇଁ ବିଜେପି ଏକପ୍ରକାର ପ୍ରାର୍ଥୀ ଚୂଡ଼ାନ୍ତ କରି ସାରିଛି । କେବଳ ବିଧିବଦ୍ଧ ଘୋଷଣା ବାକି ରହିଛି । ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେପି କୃଷକ ସେଲର ସଭାପତି ରହିଥିବା




ପ୍ରଦୀପ ପୁରୋହିତଙ୍କ ନାଁରେ ବିଜେପି ମୋହର ମାରିବା ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି । କାରଣ, ପଦ୍ମପୁରରେ ବିଜେପିର ଆଉ କେହି ବିକଳ୍ପ ନେତା ନାହାନ୍ତି । ଏବେ କେବଳ ସମସ୍ତଙ୍କ ନଜର ବିଜେଡି ଏବଂ କଂଗ୍ରେସ ଉପରେ ରହିଛି । ଏହି ଦୁଇ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ହିଁ ଚର୍ଚ୍ଚାର ବିଷୟ ପାଲଟିଛି ।

➔ପୃଷ୍ଠା–୭

### ବିଜେଡିର ପ୍ଲାନ୍ ଚେଞ୍ଜ, ବିଜେପି ଆପଣାଇବ ବଡ଼ ଷ୍ଟ୍ରାଟେଜୀ

ଧାମନଗର ଠାରୁ ବଡ ଷ୍ଟ୍ରାଟେଜିରେ ବିଜେପି ପଦ୍ମପୁରରେ ଉପନିର୍ବାଚନକୁ ଓହ୍ଲାଇବାକୁ ଯୋଜନା କରିଥିବା ବେଳେ ନିର୍ବାଚନ ପରିଚାଳନା ପାଇଁ ସାଂସଦ ସୁରେଶ ପୂଜାରୀ, ବସନ୍ତ ପଣ୍ଡା ଏବଂ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କୁ ଦାୟିତ୍ୱ ଦେଇଛି । କ୍ଷେତ୍ରୀୟ ପ୍ରଭାରୀ ଭାବେ ସୁନିଲ ବଂଶଲ ଦାୟିତ୍ୱ ନେବା ପରେ ଦଳ ପ୍ରଥମ ଥର ପାଇଁ ଉପନିର୍ବାଚନରେ ବିଜୟ ମୁକୁଟ ପିନ୍ଧିଛି । ତେଣୁ ପଦ୍ମପୁର ପାଇଁ ମଧ ଖୁବ ଶୀଘ୍ର ଓଡିଶା ଆସି ରଣନୀତି ପ୍ରସ୍ତୁତ କରିବେ ସୁନିଲ ବଂଶଲ ଏବଂ ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ । ସେପଟେ ଧାମନଗରରୁ ଝଟ୍‌ଖା ଖାଇ କନ୍‌ଫିଡେନ୍ସ କମିବା ପରେ ଯୁବ ବ୍ରିଗେଡ୍ ବଦଳରେ ବରିଷ୍ଠଙ୍କୁ ଆଗକୁ ଆଣିବାକୁ ନିଷ୍ପତ୍ତି କରିଛି ବିଜେଡି । ପ୍ରଚାର ଏବଂ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇଛି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଏବଂ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ । ଏହା ସହ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପଦ୍ମପୁର ବ୍ଲକ, ନବ ଦାସଙ୍କୁ ପାଇକମାଳ ଏବଂ ରାଜେନ୍ଦ୍ର ଢୋଲକିଆଙ୍କୁ ଝାରବନ୍ଧ ବ୍ଲକ୍ ଦାୟିତ୍ୱ ଦିଆଯାଇଛି । ତାଛଡ଼ା ବିଭିନ୍ନ ଜୋନ୍ ଦାୟିତ୍ୱରେ ପଶ୍ଚିମ ଓଡିଶାର ବରିଷ୍ଠ ନେତା ଓ ମନ୍ତ୍ରୀମାନଙ୍କୁ ଆଗରେ ରଖି ସଂଗଠନରେ ପକଡ଼ ରଖୁଥିବା ନେତାଙ୍କୁ ମଧ ଦାୟିତ୍ୱ ଦେଇପାରେ ।

### ସମ୍ପାଦକୀୟ

ଦକ୍ଷିଣପନ୍ଥୀଙ୍କୁ ମାଡ଼

# ହୃଷିକେଶ ହେବେ କଂସ ମହାରାଜ

ବରଗଡ଼: ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ ବିଗତ ୩ ଦିନ ଧରି ଜାରି ରହିଥିବା କଳାକାର ଚୟନ ପ୍ରକ୍ରିୟା ଶେଷ ହୋଇଛି । ଓଡ଼ିଶାରୁ ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ବିଚାରକମଣ୍ଡଳୀ ନୂଆ କଳାକାର ତାଲିକା ଘୋଷଣା କରିଛନ୍ତି । ପାର୍ଶ୍ୱ ଅଭିନେତାଙ୍କ ସମେତ ମୁଖ୍ୟ ଭୂମିକା ଲାଗି କଳାକାରଙ୍କ ନାଁ ଘୋଷଣା ହୋଇଛି । ହୃଷିକେଶ ଭୋଇ ଚଳିତ ବର୍ଷ କଂସ ଭୂମିକାରେ ପୁଣି ଅଭିନୟ କରିବେ । କଳାକାର ଚୟନ କମିଟି ଅଧ୍ୟକ୍ଷ ତଥା ବରଗଡ଼ ଏଡିଏମ୍ ମିଦ୍ଧା ଟପ୍ପୋ ଘୋଷଣା କରିଛନ୍ତି । କଂସ ଚରିତ୍ରରେ ଅଭିନୟ ଲାଗି ୪୨ କଳାକାର ସାକ୍ଷାତକାର ଦେଇଥିଲେ । ପୂର୍ବରୁ ୯ ବର୍ଷ କଂସ ଭୂମିକାରେ ଅଭିନୟ କରିଥିଲେ ହୃଷିକେଶ । ଧନୁଯାତ୍ରା ଲାଗି



ଶେଷ ହୋଇଥିଲା, ଯାତ୍ରାର ମୁଖ୍ୟର ଆକର୍ଷଣ କଂସ ମହାରାଜ ଚରିତ୍ର ପାଇଁ କଳାକାର ଚୟନ ପ୍ରକ୍ରିୟା । କଂସ ଚରିତ୍ରରେ ଅଭିନୟ ପାଇଁ ଆବେଦନ କରିଥିବା ମୋଟ ୫୬ କଳାକାରଙ୍କ ମଧ୍ୟରୁ ଅଡିସନ୍ ପାଇଁ ଆସିଥିଲେ ୪୩ ଜଣ, ଯାହାଙ୍କ ମଧ୍ୟରେ ଥିଲେ ବହୁ ନବୀନଙ୍କ ସହ ପ୍ରବୀଣ କଳାକାର । ସକାଳୁ ଆରମ୍ଭ ହୋଇଥିବା ଅଡିସନ୍ ସନ୍ଧ୍ୟା ଯାଏଁ ଚାଲିଥିଲା । ୭ ଜଣିଆ ବିଚାରପତି ମଣ୍ଡଳୀ ଆଗରେ ଜଣକ ପରେ ଜଣେ ନିଜର ନିଖୁଣ ଅଭିନୟ ଚାତୁରୀ, ସଂଳାପ ପ୍ରୟୋଗ ଏବଂ ହସର ନମୁନା ପେସ୍ କରିଥିଲେ । ବିଶ୍ୱର ସର୍ବବୃହତ ଖୋଲା ରଙ୍ଗମଞ୍ଚର ମାନ୍ୟତା ପାଇଥିବା ବରଗଡ଼ର ଐତିହାସିକ ଧନୁଯାତ୍ରା ମହୋତ୍ସବ ଚଳିତ ବର୍ଷ ୭୫ ବର୍ଷରେ ପଦାର୍ପଣ କରିଛି । ଐତିହାସିକ ଧନୁଯାତ୍ରା ମହୋତ୍ସବ ଏଥର ପ୍ଲାଟିନମ୍ ଜୁବୁଲୀ ପାଳନ କରୁଥିବାରୁ ଏବର୍ଷ ଧନୁଯାତ୍ରାର ରୂପ ଓ କଳେବର ବୃଦ୍ଧି ସହ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବାକୁ ନିଷ୍ପତ୍ତି ହୋଇଛି । ସେଥିପାଇଁ କଂସ ଓ ଅନ୍ୟାନ୍ୟ ଚରିତ୍ରରେ କଳାକାର ଚୟନ ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ କଳାକାରଙ୍କୁ ଆହ୍ୱାନ କରାଯାଇଥିଲା । ଧନୁଯାତ୍ରାରେ ଅଭିନୟ ଲାଗି ଶହ ଶହ ସଂଖ୍ୟାରେ କଳାକାର ଆଗ୍ରହ ପ୍ରକାଶ ସହ ଆବେଦନ କରିଥିଲେ ।

# ବଜାରରୁ ଖାଲି ହେବ ୨୦୦୦ ଟଙ୍କିଆ ନୋଟ୍

## ନୋଟ୍ ଫେରାଇଦେବାକୁ ସମସ୍ତ ବ୍ୟାଙ୍କକୁ ଆରବିଆଇର ନିର୍ଦ୍ଦେଶ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୬ ନଭେମ୍ବର ୮ରେ ଘୋଷଣା କରିଥିବା ବିମୁଦ୍ରୀକରଣକୁ ୬ ବର୍ଷ ପୂରିଛି । ଦୁର୍ନୀତି ଓ କଳାଧନ ରୋକିବା ଏବଂ ଦେଶକୁ ଏକ କମ୍ ନଗଦ ବ୍ୟବହାର ହେଉଥିବା ଅର୍ଥନୀତିରେ ପରିଣତ କରିବା ଭଳି ଲକ୍ଷ୍ୟ ନେଇ ବିମୁଦ୍ରୀକରଣ ଘୋଷଣା କରାଯାଇଥିଲା । ସେହିଦିନ ପ୍ରଧାନମନ୍ତ୍ରୀ ମୋଦୀ ପୁରୁଣା ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କରିଥିଲେ । ବିମୁଦ୍ରୀକରଣ ପରେ ନୂଆ ୨୦୦୦ ଟଙ୍କିଆ ନୋଟ୍ ଆସିଥିଲା । ବର୍ତ୍ତମାନ ବଜାରରେ ତାହାକୁ ବିଶେଷ ଦେଖିବାକୁ ମିଳୁନାହିଁ । ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ବିମୁଦ୍ରୀକରଣର ୬ ବର୍ଷ ପରେ ଲୋକମାନଙ୍କ ପାଖରେ ରେକର୍ଡ ୩୧ ଲକ୍ଷ କୋଟି ଟଙ୍କାର ନଗଦ ରାଶି ରହିଛି । ୬ ବର୍ଷ ପୂର୍ବେ ସେମାନଙ୍କ ପାଖରେ ୧୭.୭ ଲକ୍ଷ କୋଟି ଟଙ୍କାର ନଗଦ ରାଶି ଥିଲା । ତେବେ ୨ ହଜାର ଟଙ୍କିଆ ନୋଟ୍‌ର ଅବଧି ସରିଆସୁଛି । ରାଜ୍ୟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ୨ ହଜାର ଟଙ୍କିଆ ନୋଟ୍‌ର ପ୍ରଚଳନକୁ ଅନୌପଚାରିକ ଭାବେ ବନ୍ଦ କରିସାରିଛି । ସମସ୍ତ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କକୁ ଆସୁଥିବା ୨ ହଜାର ଟଙ୍କିଆ ନୋଟ୍ ଆରବିଆଇକୁ ଫେରସ୍ତ ଦେବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିବା ବେଳେ ପ୍ରାୟତଃ ଅଧିକାଂଶ ବ୍ୟାଙ୍କ ନୋଟ୍ ଫେରସ୍ତ କରିସାରିଲେଣି । ସମ୍ପ୍ରତି ନା ଏଟିଏମ୍‌ରେ ମିଳୁଛି, ନା ବ୍ୟାଙ୍କ

➔ପୃଷ୍ଠା–୭

# ଦକ୍ଷିଣପନ୍ଥୀଙ୍କୁ ମାଡ଼

ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶନ୍ଧିରେ ବିଶ୍ୱର ବିଭିନ୍ନ ଗଣତାନ୍ତ୍ରିକ ଦେଶରେ ରକ୍ଷଣଶୀଳ ଦକ୍ଷିଣପନ୍ଥୀଙ୍କ ପ୍ରଭାବ ବୃଦ୍ଧି ପାଇଥିଲା। ସେ ମଧ୍ୟରୁ ପ୍ରମୁଖ ହେଲା ଆମେରିକା, ବ୍ରାଜିଲ, ଭାରତ, ଫିଲିପାଇନ୍ସ, ତୁର୍କୀ, ଫ୍ରାନ୍ସ। ଏସିଆ, ୟୁରୋପ, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଭଳି  ମହାଦେଶ ଏହି ସୁଅରେ ଭାସିବାରୁ ବର୍ତ୍ତି ନ ଥିଲେ। ବିଶ୍ୱର ବିକଶିତ ଏବଂ ବିକାଶମୁଖୀ ଦେଶଙ୍କୁ ନେଇ ଯେଉଁ ଜି-୨୦ ଗୋଷ୍ଠୀ ରହିଛି, ସେ ମଧ୍ୟରୁ ଅନେକ ଦେଶରେ ଦକ୍ଷିଣପନ୍ଥୀ ଦଳ ସରକାର ଗଠନ କରିଥିଲେ କିମ୍ବା ସେମାନେ ଗଠବନ୍ଧନ ଜରିଆରେ ସରକାରରେ ଅଂଶଗ୍ରହଣ କରିଥିଲେ। ଏହା ନ ହେଲେ ବି ସେମାନଙ୍କ ଭୋଟ ପ୍ରତିଶତ ଏବଂ ଜନ ପ୍ରତିନିଧିଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଉଦାହରଣ ଭାବେ ଯୁକ୍ତରାଷ୍ଟ୍ର ଆମେରିକାରେ ଡୋନାଲ୍ଡ ଟ୍ରମ୍ପ, ବ୍ରାଜିଲରେ ଜାଏର ବଲସୋନାରୋ, ତୁର୍କୀରେ ରିସେପ ତାୟିପ୍ ଏର୍ଡୋଗାନ ରାଷ୍ଟ୍ରପତି ହୋଇଥିଲେ ଯେଉଁମାନେ କି ସୁଦ୍ଧୁ ଦକ୍ଷିଣପନ୍ଥୀ ରକ୍ଷଣଶୀଳ ଚିନ୍ତାଧାରାର।

କିନ୍ତୁ ଏବେ ଚକ ବୁଲିଛି। ଏ ଦୁନିଆରେ କେବଳ ସମୟକୁ ବାଦ୍ ଦେଲେ ସବୁ କିଛି ଚକ୍ରାକାର ଘୁରେ। ପରମାଣୁ ଭିତରେ ଥିବା ଇଲେକ୍ଟ୍ରନଠାରୁ ଆରମ୍ଭ କରି ଗ୍ରହ ଉପଗ୍ରହଙ୍କ ପର୍ଯ୍ୟନ୍ତ। ସକାଳ, ମଧ୍ୟାହ୍ନ, ସନ୍ଧ୍ୟା, ରାତି ପୁଣି ସକାଳରୁ ରାତି। ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ, ବସନ୍ତ। ପୁଣି ଗ୍ରୀଷ୍ମରୁ ବସନ୍ତ। ଚନ୍ଦ୍ର ବୁଲୁଛି ପୃଥିବୀ ଚାରିପାଖରେ। ପୃଥିବୀ ବୁଲୁଛି ସୂର୍ଯ୍ୟ ଚାରିପାଖରେ। ଏଣୁ ଦକ୍ଷିଣପନ୍ଥୀ ଚିନ୍ତାଧାରା ହେଉ ବା ବାମପନ୍ଥୀ ଅଥବା ସମାଜବାଦୀ କିମ୍ବା ମଧ୍ୟମପନ୍ଥୀ, କୌଣସି ଗୋଟିଏ ଚିନ୍ତାଧାରା ଯେ ସବୁଦିନ ଲାଗି ସମସ୍ତଙ୍କୁ ଆକ୍ରାନ୍ତ କରି ରଖିବ ସେୟା ନୁହେଁ। ଆମେରିକା, ବ୍ରାଜିଲ୍‌ରେ ଗତ ଏକମାସ ଭିତରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ଭୋଟରଙ୍କ ଦୃଷ୍ଟିରୁ କୌଣସି ଚିନ୍ତାଧାରା ସ୍ଥାୟୀ ନୁହେଁ ବୋଲି ପ୍ରମାଣିତ କରିଛି। ସେଠି ଦକ୍ଷିଣପନ୍ଥୀଙ୍କ ପରାଜୟ ଘଟିଛି।

ବ୍ରାଜିଲରେ ଗତ ଅକ୍ଟୋବର ଶେଷରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବଲସୋନାରୋଙ୍କ ପରାଜୟ ଘଟିଛି। ବାମପନ୍ଥୀ ଚିନ୍ତାଧାରାର ଲୁଇଜ ଇନାସିଓ ଲୁଲା ଡା ସିଲ୍‌ଭା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଜଣେ ଧାତବ ଶ୍ରମିକରୁ ଟ୍ରେଡ୍ ୟୁନିୟନ ନେତା ଓ ପରେ ରାଜନେତା ପାଲଟିଥିବା ଲୁଲା ଡା ସିଲଭା ଗତ ୧୦ ବର୍ଷ ଭିତରେ ରାଜନୈତିକ ଅନ୍ଧକାରକୁ ଚାଲି ଯାଇଥିଲେ।  ୭୭ ବର୍ଷ ବୟସରେ ସେ ପୁଣି ଯେ ରାଜନୈତିକ ଆଲୋକକୁ ଆସି ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବେ ତାହା ସମସ୍ତଙ୍କ କଳ୍ପନା ବାହାରେ ଥିଲା। ସେହିପରି ଆମେରିକାରେ ଗତ ମଙ୍ଗଳବାର ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରକ୍ଷଣଶୀଳ ରିପବ୍ଲିକାନ୍ ଦଳ ପ୍ରାର୍ଥୀ ସେଭଳି ଆଖିଦୃଶିଆ ସଫଳତା ପାଇନାହାନ୍ତି। କିନ୍ତୁ ନିର୍ବାଚନ ପୂର୍ବରୁ ବିଭିନ୍ନ ଜନମତରେ ଏହି ଦଳ ଜୁଆରିଆ ସଫଳତା ହାସଲ କରିବ ଏବଂ ଡେମୋକ୍ରାଟିକ ପାର୍ଟି ଧୂଳି ଚାଟିବ ବୋଲି ଅନୁମାନ କରାଯାଉଥିଲା। ଉଲ୍ଲେଖଯୋଗ୍ୟ ଯେ, ଡେମୋକ୍ରାଟିକ ଦଳ ନିଜ ପତିଆରା ଜମାଇ ରଖି ଗତ ୨୦ ବର୍ଷର ରେକର୍ଡ ଭାଙ୍ଗିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଯେଉଁ ଦଳର ରାଷ୍ଟ୍ରପତି ଥାଆନ୍ତି, ସେହି ଦଳ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ବିଫଳ ହୋଇଆସୁଥିଲେ। ଯଦିଓ ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଲୋକପ୍ରିୟତା ଅତି ତଳକୁ ଖସି ଆସିଥିଲା, ଦରଦାମ ବୃଦ୍ଧି ଓ ଡଲାର ମୂଲ୍ୟରେ ଅସ୍ଥିରତା ଲୋକଙ୍କୁ ତାଙ୍କ ପ୍ରଶାସନ ପ୍ରତି ବିମୁଖ କରିଥିଲା, ତଥାପି ତାଙ୍କ ଡେମୋକ୍ରାଟିକ ଦଳ ପ୍ରାର୍ଥୀଙ୍କୁ ଭୋଟର କିଭଳି ସମର୍ଥନ କଲେ ତାହା ଏପର୍ଯ୍ୟନ୍ତ ନିର୍ବାଚନ ପଣ୍ଡିତମାନଙ୍କୁ ରହସ୍ୟ ଘେରରେ ରଖିଛି।

ରିପବ୍ଲିକାନ ପାର୍ଟିର ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ ପୁନର୍ବାର ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ଲାଗି ମନସ୍ଥ କରି ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଦଳର କିଛି ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିଥିଲେ ଯେଉଁମାନେ ତାଙ୍କ ରାଷ୍ଟ୍ରପତିତ୍ୱର ବିଭିନ୍ନ ବିବାଦୀୟ ନିଷ୍ପତ୍ତିକୁ ସମର୍ଥନ ଦେଇଥିଲେ। ଟ୍ରମ୍ପଙ୍କ ସମର୍ଥିତ ଅନେକ ପ୍ରାର୍ଥୀ ନିର୍ବାଚନରେ ଚିତ୍ ପଟାଙ୍ଗ ମାରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଡୋନାଲ୍ଡ ଟ୍ରମ୍ପ ୨୦୧୬ ନିର୍ବାଚନରେ ରାଷ୍ଟ୍ରପତି ହେବା ପରେ ମେକ୍ସିକୋ-ଆମେରିକା ସୀମାରେ କାନ୍ଥ ନିର୍ମାଣଠାରୁ ଆରମ୍ଭ କରି ଏକପାଖିଆ ଭାବେ ଇରାନ ଅଣୁଚୁକ୍ତିରୁ ଓହରିଯିବା, କୂଟନୈତିକ ଓ ସାମରିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରଣନୀତିରେ ଘଡି ଘଡିକେ ପରିବର୍ତ୍ତନ କରିବା,  ବିଭିନ୍ନ ବିଭାଗର ମୁଖ୍ୟ ଯେପରି ବୈଦେଶିକ ସଚିବ, ପ୍ରତିରକ୍ଷା ସଚିବ, ଆଭ୍ୟନ୍ତରୀଣ ବ୍ୟାପାର ସଚିବ ଆଦିଙ୍କୁ ମନଇଚ୍ଛା ବଦଳାଇବା ଆଦି କାର୍ଯ୍ୟ ଯୋଗୁଁ ବିବାଦୀୟ ହୋଇପଡିଥିଲେ। ଏପରି କି ରାଷ୍ଟ୍ରପତି ଭାବେ ତାଙ୍କ ନିକଟକୁ ଯାଉଥିବା ବିଭିନ୍ନ ଗୋପନୀୟ ଦଲିଲକୁ ବି ନିଜ ପାଖରେ ରଖି ଦେଉଥିବା ଅଭିଯୋଗ ବି ରହିଛି। ସବୁଠାରୁ ସଙ୍ଗୀନ କଥା ହେଲା ଯେ ୨୦୨୦ ନିର୍ବାଚନ ହାରିବା ପରେ ସେ ଜାଲିଆତି କରି ତାଙ୍କୁ ହରେଇ ଦିଆଯାଇଛି ବୋଲି ଫଳାଫଳକୁ ମାନିବାକୁ ପ୍ରସ୍ତୁତ ନ ଥିଲେ। ତାଙ୍କ କିଛି ସମର୍ଥକଙ୍କୁ ବି ଅଶାନ୍ତି ସୃଷ୍ଟି କରିବା ଲାଗି ପ୍ରୋତ୍ସାହିତ କରିଥିଲେ। ତାଙ୍କ ରାଷ୍ଟ୍ରପତିତ୍ୱ ଅବଧିର ବେଆଇନ କାର୍ଯ୍ୟକଳାପ ନେଇ ତଦନ୍ତ ଜାରି ରହିଥିବା ବେଳେ ସେ ପୁନର୍ବାର ୨୦୨୪ ରାଷ୍ଟ୍ରପତି ନିର୍ବାଚନ ମଇଦାନରେ ଓହ୍ଲାଇବା ଲାଗି ସଜବାଜ ହୋଇଛନ୍ତି। କିନ୍ତୁ ଭୋଟର ମଧ୍ୟବର୍ତ୍ତୀ ନିର୍ବାଚନ ଫଳାଫଳ ଜରିଆରେ ଜଣାଇ ଦେଇଛନ୍ତି ଯେ, ସବୁର ଗୋଟିଏ ସୀମା ରହିଛି। ଶିକ୍ଷିତ ହୁଅନ୍ତୁ ବା ଅଶିକ୍ଷିତ, ମଫସଲି ହୁଅନ୍ତୁ ବା ସହରୀ, ଉଦାରପନ୍ଥୀ ହୁଅନ୍ତୁ ବା ରକ୍ଷଣଶୀଳ, ମାତ୍ର ଅନ୍ଧସମର୍ଥକ ନୁହନ୍ତି ବୋଲି ଭୋଟର ପ୍ରମାଣିତ କରିଛନ୍ତି।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା  ଠିକଣା**
ଇମେଲ୍- aadharodisha8@gmail.com
ଯୋଗାଯୋଗ-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ପରିବର୍ତ୍ତନ ଓ ସଂଶୟ ବିରୋଧୀ ବାର୍ଦ୍ଧକ୍ୟ

ଡକ୍ଟର ପ୍ରଦୀପ ମହାପାତ୍ର

ଅଧିକ ସଂଖ୍ୟକ ବାର୍ଦ୍ଧକ୍ୟଗ୍ରସ୍ତ ପରିବର୍ତ୍ତନ ସହ ଖାପଖୁଆଇବା ନିମନ୍ତେ ଅମଙ୍ଗ ତଥା ସମର୍ଥ ହେଉନଥିବା ଧାରା ପାରମ୍ପରିକଭାବେ ସମାଜ ଗ୍ରହଣ କରିନିଏ । ଜୀବନରେ ଦୀର୍ଘକାଳ ପ୍ରଚଳିତ ଅବସ୍ଥା ସହ ଅଭ୍ୟସ୍ତ ହୋଇପଡ଼ିଥିବା ହେତୁ ନୂତନତ୍ୱ ପ୍ରତି ସେମାନେ ବିମୁଖ ହେଉଥିବା ବିଶ୍ୱାସ ବଳବତ୍ତର ରହେ । ସେହିପରି ସଂଶୟ ବା 'ରିସ୍କ' ଜଡ଼ିତ କୌଣସି କାର୍ଯ୍ୟକୁ ମଧ୍ୟ ସାଧାରଣରେ ବୃଦ୍ଧାବସ୍ଥାରେ ଅଗ୍ରାଧୀକାର ଦିଆଯାଉନଥିବା ଦେଖିବାକୁ ମିଳେ । ଦୀର୍ଘ ଅଭିଜ୍ଞତାଜନିତ ପରିପକ୍ୱ ଅବସ୍ଥା ଅନିଶ୍ଚିତ ପଦକ୍ଷେପ ଗ୍ରହଣକୁ ବାରଣ କରିଥାଏ ବୋଲି ବିଚାର କରାଯାଏ । ତେବେ ଏଭଳି ଧାରଣା ସଂପର୍କରେ ଆଧୁନିକ ବିଜ୍ଞାନସମ୍ମତ ଗବେଷଣା କେତେକ ନୂତନ ତଥ୍ୟ ଉନ୍ମୋଚନ କରିବାରେ ସମର୍ଥ ହୋଇଛି । ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଦଳେ ଗବେଷକ 'ନ୍ୟୁରନ' ନାମକ ମସ୍ତିସ୍କ ବିଷୟକ ପତ୍ରିକାରେ ପ୍ରକାଶିତ ଏକ ପ୍ରବନ୍ଧରେ ଦର୍ଶାଇଥିଲେ ଯେ ମସ୍ତିଷ୍କରେ ବାର୍ଦ୍ଧକ୍ୟାବସ୍ଥାରେ କେତେକ ଦକ୍ଷତାହାନୀ ମନୁଷ୍ୟର ନିଷ୍ପତ୍ତି ଗ୍ରହଣରେ ପ୍ରତିବନ୍ଧକ ସାଜେ ଏବଂ ଏହି କାରଣରୁ ସେ ପରିବର୍ତ୍ତନକୁ ସହଜରେ ଗ୍ରହଣ କରିପାରେ ନାହିଁ । ମନୁଷ୍ୟର ମସ୍ତିଷ୍କର ସମ୍ମୁଖଭାଗରେ ଅବସ୍ଥିତ 'ଷ୍ଟାରିଆଟମ୍' ନାମକ ଅଞ୍ଚଳରେ ନିଷ୍ପତ୍ତି ଗ୍ରହଣ କାର୍ଯ୍ୟ ପରିଚାଳିତ ହୋଇଥାଏ । ବୟସ ବୃଦ୍ଧି ସଙ୍ଗେ ଏହି କାର୍ଯ୍ୟ ସମ୍ପାଦନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ନିର୍ଦ୍ଦିଷ୍ଟ ଗତିପଥଗୁଡ଼ିକ ସଂକୁଚିତ ହୋଇଥିବା କାରଣରୁ ନିଷ୍ପତ୍ତି ଗ୍ରହଣରେ ବାଧା ଉପୁଜିଥାଏ । ଫଳରେ ବ୍ୟକ୍ତିଗତସ୍ତରରେ କ'ଣ କରାଯିବା ଉଚିତ ତାହା ନିର୍ଦ୍ଧାରଣ ନକରିପାରି ବୟସ୍କମାନେ ପରିବର୍ତ୍ତନର ପ୍ରତିରୋଧ କରିଥାନ୍ତି । କୁଇନସଲ୍ୟାଣ୍ଡର ଗବେଷକଗଣ ଯୁବାବସ୍ଥା ଓ ବାର୍ଦ୍ଧକ୍ୟାବସ୍ଥାରେ ଉପନୀତ ଦୁଇ ଦଳ ମୂଷାଙ୍କ ବ୍ୟାବହାରିକ ପ୍ରଦର୍ଶନକୁ ଅନୁଧ୍ୟାନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଦୁଇ ଦଳ ମୂଷାଙ୍କୁ ଏକ ଯନ୍ତ୍ରା ମଧ୍ୟରେ ଆବଦ୍ଧ କରି ଦୁଇଗୋଟି ଦ୍ୱାର ଦେଇ ଖାଦ୍ୟ ଯୋଗାଇ ଦିଆଯାଇଥିଲା । ପ୍ରଥମ ଦ୍ୱାର ଦେଇ ସାଧାରଣ ଖାଦ୍ୟ ଓ ଦ୍ୱିତୀୟ ଦ୍ୱାର ଦେଇ ମଧୁର ସ୍ୱାଦ ସମ୍ପନ୍ନ ଖାଦ୍ୟ ଗ୍ରହଣ କରିବା ସୁବିଧା ରଖାଯାଇଥିଲା । ମୂଷାମାନେ ପ୍ରତ୍ୟେକ ଦ୍ୱାରକୁ ଭାରଦଣ୍ଡ 'ଲେଭର' ଦ୍ୱାରା ଖୋଲିବା ପ୍ରାବଧାନ କରାଯାଇଥିଲା । ଦେଖାଯାଇଥିଲା ଯେ ସାଧାରଣ ବଦଳରେ ମଧୁର ଖାଦ୍ୟ ମୂଷାମାନଙ୍କ ପସନ୍ଦ ଯୋଗ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ମୂଷାମାନଙ୍କୁ ନେଇ ଅନ୍ୟ ଏକ ଯନ୍ତ୍ରା ମଧ୍ୟରେ ଆବଦ୍ଧ ରଖାଗଲା । ସେଠାରେ କେବଳ ଗୋଟିଏ ଦ୍ୱାର ଦେଇ ସାଧାରଣ ଖାଦ୍ୟ ଯୋଗାଣର ବ୍ୟବସ୍ଥା ହୋଇଥିଲା । ମୂଷାମାନେ ସେହି ଦ୍ୱାରର ଲେଭର ଦବାଇ ଖାଦ୍ୟ ଗ୍ରହଣ କରିଥିଲେ । ତୃତୀୟ ପର୍ଯ୍ୟାୟରେ ମୂଷାମାନଙ୍କୁ ପ୍ରଥମ ଯନ୍ତ୍ରାକୁ ସ୍ଥାନାନ୍ତରିତ କରାଯାଇଥିଲା । ପୂର୍ବବତ ଦୁଇଗୋଟି ଦ୍ୱାର ଦେଇ ସାଧାରଣ ଓ ମଧୁର ଖାଦ୍ୟ ଯୋଗାଣ କରାଗଲା । ତେବେ ପ୍ରଥମ ପର୍ଯ୍ୟାୟର ପ୍ରଥମ ଦ୍ୱାର ଦେଇ ସାଧାରଣ ବଦଳରେ ମଧୁର ଏବଂ ଦ୍ୱିତୀୟ ଦ୍ୱାର ଦେଇ ମଧୁର ବଦଳରେ ସାଧାରଣ ଖାଦ୍ୟ ନିଷ୍କାସନର ବ୍ୟବସ୍ଥା ରଖାଗଲା । ପ୍ରଥମ ପର୍ଯ୍ୟାୟରେ ଉଭୟ ସାଧାରଣ ଓ ମଧୁର ଖାଦ୍ୟ ଗ୍ରହଣ ନିମନ୍ତେ ଦୁଇ ଲେଭର ଦବାଇବା ଅଭ୍ୟାସରେ ପରିଚିତ ବୟସ୍କ ମୂଷାମାନେ ଦ୍ୱିତୀୟ ପର୍ଯ୍ୟାୟରେ କିଛି ସମୟ କେବଳ ଗୋଟିଏ ଲେଭର ଦବାଇ ଖାଦ୍ୟଗ୍ରହଣ ପରେ ତୃତୀୟ ପର୍ଯ୍ୟାୟରେ ପୁନର୍ବାର ଦୁଇଗୋଟି ଲେଭର ଦବାଇ ସାଧାରଣ ଓ ମଧୁର ଖାଦ୍ୟଗ୍ରହଣ ପ୍ରକ୍ରିୟା ସହ ସାମିଲ ହୋଇ ପାରିଲେ ନାହିଁ । କିନ୍ତୁ ଯୁବବର୍ଗର ମୂଷାମାନେ ସହଜରେ ପରିବର୍ତ୍ତନକୁ ବୁଝି ନେଇ ମଧୁର ଖାଦ୍ୟ ଗ୍ରହଣ ପାଇଁ ପ୍ରଥମ ଦ୍ୱାର ଲେଭର ଦବାଇବାରେ ବ୍ୟସ୍ତ ରହିଲେ । ମୂଷାଙ୍କ ଖାଦ୍ୟଗ୍ରହଣ ପରୀକ୍ଷଣରେ ବାର୍ଦ୍ଧକ୍ୟଗ୍ରସ୍ତ ମୂଷାଙ୍କ ଦୁର୍ବଳ ମାନସିକ ସ୍ଥିତି ସେମାନଙ୍କ ମସ୍ତିଷ୍କରେ ସନ୍ତୁଳନ ଅଭାବକୁ ପ୍ରମାଣିତ କରିଥାଏ । ଏହା ପ୍ରାକୃତିକ । ମୂଷା ବଂଶକୁ ନିମ୍ନବର୍ଗର ସ୍ତନ୍ୟପାୟୀ ପ୍ରାଣୀଭାବେ ଗ୍ରହଣ କରାଯାଏ । ବୈଜ୍ଞାନିକମାନେ ମୂଷାଙ୍କ ଶରୀର ଓ ବ୍ୟବହାର ଅନୁଧ୍ୟାନ କରି ଯେଉଁ ନିଷ୍କର୍ଷଗୁଡ଼ିକ ଉପସ୍ଥାପିତ କରୁଛନ୍ତି, ତାହା ପରବର୍ତ୍ତୀ କାଳରେ ମନୁଷ୍ୟଙ୍କ ନିମନ୍ତେ ସମଭାବେ ଉପଯୋଗୀ ହେବା ବିଚାର କରାଯାଏ । ଅନ୍ୟ ଭାଷାରେ, ମନୁଷ୍ୟ ଜୀବନ ସଂପର୍କରେ ବିଭିନ୍ନ ଦିଗ ସଂପର୍କରେ ଗବେଷଣା ମୂଷାଙ୍କ ଶରୀରରେ ପରୀକ୍ଷାରୁ ଆରମ୍ଭ ହେଉଛି ବୋଲି କହିବାକୁ ହେବ । ଏହିଭଳି ଗବେଷଣାଗତ ଜ୍ଞାନ ମନୁଷ୍ୟ ଶରୀରରେ ଦେଖାଦେଉଥିବା ଅଭାବ ଅସୁବିଧାକୁ ସୁଧାରିବା ଦିଗରେ ଚିକିତ୍ସା ଉଦ୍ଭାବନରେ ସହାୟକ ହୋଇପାରିବ ।  ତଦ ଅନୁରୂପ ଯୁକ୍ତରାଷ୍ଟ୍ର ଆମେରିକାର ୟେଲ ବିଶ୍ୱବିଦ୍ୟାଳୟର ଅନ୍ୟ ଦଳେ ଗବେଷକ ଦର୍ଶାଇଥିଲେ ଯେ ମନୁଷ୍ୟର ବୟସ ବୃଦ୍ଧି ସଙ୍ଗେ ତାହାର ସଂଶୟଜନିତ ପଦକ୍ଷେପ 'ରିସ୍କ' କ୍ରମଶଃ ହ୍ରାସ ପାଇଥାଏ । ଏକ ପରୀକ୍ଷଣରେ ୫୨ ଜଣ ୧୮ ବର୍ଷରୁ ୮୮ ବର୍ଷ ବୟସ୍କ ବ୍ୟକ୍ତିଙ୍କ ମସ୍ତିଷ୍କ ସ୍କାନରୁ ସଂଗୃହୀତ ତଥ୍ୟାବଳୀରୁ ଜଣାଯାଇଥିଲା ଯେ ମସ୍ତିସ୍କର ଡାହାଣ ଭାଗରେ ଅବସ୍ଥିତ 'କୋରଟେକ୍ସ' ଅଞ୍ଚଳରେ ବୟସ ବୃଦ୍ଧି ସଙ୍ଗେ ପରିବର୍ତ୍ତନ କାରଣରୁ ନିଷ୍ପତ୍ତି ଗ୍ରହଣ କ୍ଷମତା ସଂକୁଚିତ ହୋଇଥାଏ । ଫଳରେ ମନୁଷ୍ୟ ରିସ୍କ ନେବାରୁ ବିରତ ରହେ ।

ଖ୍ୟାତନାମା ବିଜ୍ଞାନ ପତ୍ରିକା 'ନେଚର କମ୍ୟୁନିକେସନ୍ସ'ରେ ପ୍ରକାଶିତ ପ୍ରବନ୍ଧରେ ୟେଲ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ କହିଥିଲେ ଯେ ଏହି ଗବେଷଣା ପ୍ରାଥମିକସ୍ତରରେ ରହିଥିଲେହେଁ ଭବିଷ୍ୟତରେ ମନୁଷ୍ୟର ନିଷ୍ପତ୍ତି ଗ୍ରହଣ ଦକ୍ଷତା ବୃଦ୍ଧି ନିମନ୍ତେ ଚିକିତ୍ସା ଉଦ୍ଭାବନ ଦିଗରେ ସହାୟକ ହୋଇପାରିବ । ବିଶ୍ୱବ୍ୟାପୀ ବାର୍ଦ୍ଧକ୍ୟ ଜନସଂଖ୍ୟା ବୃଦ୍ଧି ପାଉଥିବା ତଥା ୨୦୫୦ ସୁଦ୍ଧା ୬୦ ବର୍ଷୋତ୍ତରଙ୍କ ସଂଖ୍ୟା ଦୁଇଗୁଣରେ ପହଞ୍ଚିବା ଆକଳନ କରାଯାଉଥିବା ହେତୁ ବାର୍ଦ୍ଧକ୍ୟଗ୍ରସ୍ତଙ୍କ ନିଷ୍ପତ୍ତି ସେମାନଙ୍କ ବ୍ୟକ୍ତିଗତ ଜୀବନ ସମେତ ସାମୂହିକ ଜୀବନରେ ମଧ୍ୟ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେବ । ବାର୍ଦ୍ଧକ୍ୟଗ୍ରସ୍ତ ସଂଶୟଜନିତ ପଦକ୍ଷେପ 'ରିସ୍କ'ରୁ ଦୂରେଇ ରହିବା ପାରମ୍ପରିକ ବିଚାରରେ ଉତ୍ତମ ଲକ୍ଷଣ ବିଚାର କରାଯାଏ ଛ ତେବେ ସମକାଳୀନ ସାମାଜିକ ବ୍ୟବସ୍ଥାରେ ବହୁ କ୍ଷେତ୍ରରେ 'ରିସ୍କ' ପଦକ୍ଷେପ ଏକ ଆବଶ୍ୟକତାରେ ପରିଣତ ହୋଇପଡୁଥିବା ହେତୁ ବୃଦ୍ଧଜନ ନିଜ ଦୁର୍ବଳ ଶାରିରୀକ ଓ ମାନସିକ ସ୍ଥିତି ସଂପର୍କରେ ଅବଗତ ହେଲେ ଚିକିତ୍ସା ତଥା ସମୁଚିତ ପଦକ୍ଷେପ ଗ୍ରହଣ ନିମନ୍ତେ ଅବକାଶ ସୃଷ୍ଟି ହେବା ଯୁକ୍ତି ଗ୍ରହଣୀୟ ।

ଉଦାହରଣରେ ରାଷ୍ଟ୍ର ତଥା ଆନ୍ତର୍ଜାତିକସ୍ତରରେ ଆର୍ଥିକ ଶୃଙ୍ଖଳା ସ୍ଥିତାବସ୍ଥାକୁ ଆଲୋଚନା କରାଯାଉ । ବାର୍ଦ୍ଧକ୍ୟରେ ସଂଚିତ ଅର୍ଥ ସର୍ବାପେକ୍ଷା ମୂଲ୍ୟବାନ । ବାର୍ଦ୍ଧକ୍ୟଜନିତ ଜୀବନଚର୍ଯ୍ୟାରେ ବିଭିନ୍ନ ସେବା ଗ୍ରହଣଲାଗି ଆର୍ଥିକ ସାମର୍ଥ୍ୟ ଆବଶ୍ୟକ ପଡୁଥିବା ସ୍ଥଳେ ଆର୍ଥିକ ନିବେଶଜନିତ ଆୟ ବ୍ୟତିରେକେ ଅନେକଙ୍କ ପାଇଁ ବିକଳ୍ପ ଆୟର ସୂତ୍ର ନଥାଏ । ଏହି ପରିବେଶରେ ଯୁଗଉପଯୋଗୀ ଆର୍ଥିକ ନିବେଶ ନିମନ୍ତେ ରିସ୍କ ଆବଶ୍ୟକ ପଡ଼ିପାରେ । କିନ୍ତୁ ବୃଦ୍ଧିଜନ ଯଦି ଆବଶ୍ୟକୀୟ ରିସ୍କ ନ ନେଇ ପାରିବେ, ତେବେ ସେମାନଙ୍କ ସଂଚିତ ଧନର ମୂଲ୍ୟ କ୍ରମଶଃ କମି ଯିବା ଭୟ ରହିଥାଏ ଏବଂ ଏହି କାରଣରୁ ସେମାନଙ୍କ ଜୀବନଚର୍ଯ୍ୟାରେ ବ୍ୟାଘାତ ପହଞ୍ଚିପାରେ ।

# ଓଡ଼ିଆ ସଂସ୍କୃତିରେ କାର୍ତ୍ତିକ ପୂର୍ଣ୍ଣିମା

ଓଡ଼ିଆ ଧର୍ମଧାରା ଓ ସଂସ୍କୃତିରେ କାର୍ତ୍ତିକ ପୂର୍ଣ୍ଣିମା ବେଶ୍ ଗୁରୁତ୍ୱ ବହନ କରେ । ଧର୍ମର ମାସ କାର୍ତ୍ତିକର ଶେଷ ଦିନ ହେଉଛି କାର୍ତ୍ତିକ ପୂର୍ଣ୍ଣିମା । କାର୍ତ୍ତିକ ପୂର୍ଣ୍ଣିମାକୁ ରାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ମାସ ସାରା ପୂଜା ଉପାସନା କରାଯାଇଥାଏ । ଏହାଦ୍ୱାରା ଅକାଳ ମୃତ୍ୟୁ ହୋଇ ନ ଥାଏ ବୋଲି ବିଶ୍ୱାସ ରହିଛି । ଶୁକ୍ଳ ଏକାଦଶୀ ତିଥିଠାରୁ ଶ୍ରୀକୃଷ୍ଣଙ୍କ ଶରତ ରାସ ଯାତ୍ରା ଆରମ୍ଭ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ଦିନ ରାସ ଉତ୍ସବ ଉଦ୍ୟାପନ ହୋଇଥାଏ । ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ପଡ଼େ ଭୀଷ୍ମ ପଞ୍ଚକ । ଏହାର ଅନ୍ୟ ନାମ ବକ ପଞ୍ଚକ ।

କୁହାଯାଏ ଯେ, ପଞ୍ଚକ ପାଞ୍ଚ ଦିନ ଯାକ ବଗ ମଧ୍ୟ ମାଛ ଖାଇ ନ ଥାଏ । ଚତୁର୍ମାସ୍ୟ ବ୍ରତ ସମାପ୍ତ ହେଉଥିବା ଯୋଗୁଁ ଏହାକୁ ଚତୁର୍ମାସ୍ୟ ପଞ୍ଚକ ବୋଲି ମଧ୍ୟ କୁହାଯାଇଥାଏ । ଚତୁର୍ଦ୍ଦଶୀ ଦିନ ଶିବ ଉତ୍ଥାନ ଯାତ୍ରା ଓ ବଡ଼ ଓଷା ଅନୁଷ୍ଠିତ ହୋଇଥାଏ । ବିଷ୍ଣୁ ପୁରାଣ ଅନୁସାରେ, କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ ଭଗବାନ ବିଷ୍ଣୁ ତାଙ୍କର ଦଶ ଅବତାରର ପ୍ରଥମ ଅବତାର ଧାରଣ କରିଥିଲେ । ଜଳ ପ୍ରଳୟ ସମୟରେ ସାରା ପୃଥିବୀ ଜଳମଗ୍ନ ହୋଇଯାଇଥିଲା । ସେତେବେଳେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାରରେ ସସସ୍ତଙ୍କୁ ରକ୍ଷା କରିଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଧାରଣ କରିବା ଯୋଗୁଁ ବୈଷ୍ଣବ ମତରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଛି । ସେହିପରି ଶୈବ ମତ ଅନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ସଂହାର କରିଥିଲେ ଭଗବାନ ଶିବ । ଯେଉଁଥିପାଇଁ ତାଙ୍କ ନାଁ ତ୍ରିପୁରାରୀ ରହିଛି । ମାସସାରା ହବିଷ ବ୍ରତ କରିଥିବା ଶ୍ରଦ୍ଧାଳୁମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସାଇ ବ୍ରତ ଉଦ୍ୟାପନ କରନ୍ତି । ଏହିଦିନ କଦଳୀପଟୁକା ନିର୍ମିତ ଡଙ୍ଗା ଭସାଇବାର ବିଧି ପ୍ରଚଳିତ ରହିଛି । ଏହି ଦିନ ପ୍ରତ୍ୟୁଷରୁ ଆବାଳ ବୃଦ୍ଧା ବନିତା ନଦୀ ବା ପୁଷ୍କରିଣୀରେ ବୁଡ଼ ପକାଇ କଦଳୀ ବାସୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ସେସବୁ ଭସାଇ ଦିଅନ୍ତି । ଏହି ଅବସରରେ ଗାଇଥାନ୍ତି ଆ - କା - ମା - ବୈ, ପାନ ଗୁଆ ଥୋଇ ଛ ପାନ, ଗୁଆ ତୋର, ମାସକ ଧରମ ମୋର ।' ତେବେ ଏହି ଆ - କା - ମା - ବୈର ଅର୍ଥ ହେଉଛି - ଆ - ଆଷାଢ଼, କା - କାର୍ତ୍ତିକ, ମା - ମାଘ, ବୈ - ବୈଶାଖ । ଏହି ଚାରିମାସ ଓଡ଼ିଆଙ୍କ ପାଇଁ ସବୁଠୁ ଧର୍ମ ମାସ । ପୌରାଣିକ ଅନୁଧ୍ୟାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ । ପୂର୍ବକାଳରେ ଆମ ଓଡ଼ିଆ ସାଧବ ପୁଅମାନେ କାର୍ତ୍ତିକ ମାସରେ ବେପାର ବଣିଜ କରିବାକୁ ବୋଇତରେ ବିଦେଶ ଯାଉଥିଲେ । କାରଣ ଏହି ସମୟକୁ ସେମାନେ ସମୁଦ୍ରରେ ବୋଇତ ନେଇଯିବାକୁ ପ୍ରକୃଷ୍ଟ ସମୟ ଭାବୁଥିଲେ, ଏହି ସମୟର ପବନର ଗତି ଯୋଗୁଁ ସେମାନଙ୍କ ଯାତ୍ରା ଅନୁକୂଳ ଥିଲା । ପୁଣି ଆଷାଢ଼ ମାସରେ ଫେରୁଥିଲେ । ସେଇ ସାଧବପୁଅଙ୍କ ବୋଇତ ଯାତ୍ରାକୁ ସ୍ମରଣ କରିବା ପାଇଁ ଆମେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇଥାଉ । ବହୁ ସ୍ଥାନରେ ଏହି ଦିନ ବୋଇତ ବନ୍ଦାଣ ଉତ୍ସବମାନ ଅନୁଷ୍ଠିତ ହୁଏ । ଏହିଦିନ ଡଙ୍ଗା ଭସାଇବା ପରେ ଲୋକେ ମନ୍ଦିର ଯାଇ ଦେବଦେବୀଙ୍କୁ ଦର୍ଶନ କରିଥାନ୍ତି । ଚତୁର୍ଦ୍ଦିଗରୁ ନାମ ସଂକୀର୍ତ୍ତନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ । କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସୁନାବେଶରେ ଦର୍ଶନ ଦେଇଥା'ନ୍ତି ।

# ନିଜ ମାଟିର ମୋହରେ ଭିନ୍ନତା ରହିଛି: ରାଷ୍ଟ୍ରପତି



ଭୁବନେଶ୍ୱର: ନିଜ ମାଟିର ମାଟିରେ ଭିନ୍ନତା ଅଛି । ନିଜ ମାଟି ଆଉ ପବନର ଆକର୍ଷଣ ଭିନ୍ନ । ନିଜ ମାଟି ଓଡ଼ିଶାକୁ ଆସି ମୁଁ ଆଜି ବହୁତ ଆନନ୍ଦିତ । ଏଭଳି ଭାବରେ ନିଜର ଅଭିଭାଷଣ ରଖି ରାଷ୍ଟ୍ରପତି ଦ୍ରେପଦୀ ମୁର୍ମୁ ଭାବବିହ୍ୱଳ ହୋଇଛନ୍ତି ନାଗରିକ ସମ୍ବର୍ଦ୍ଧନା ଗ୍ରହଣ ଉତ୍ସବରେ । ରାଜ୍ୟଗୁଡ଼ିକର ବିକାଶରେ ହିଁ ସମଗ୍ର ଭାରତର ବିକାଶ ନିହିତ । ସମୃଦ୍ଧ ଭାରତକୁ ସୁସମୃଦ୍ଧ କରିବାର ଅଭିଯାନ ଓଡ଼ିଶାରୁ ଆରମ୍ଭ ହେଉ ଓ ଏହା ମୋର ଆନ୍ତରିକ ଇଚ୍ଛା, ଆଉ ଏ ମାଟିର ଝିଅ ଭାବେ ଓଡ଼ିଶା ବିଷୟରେ ସେ ବି ଏଭଳି ଅନେକ ସ୍ୱପ୍ନ ଦେଖନ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ରାଷ୍ଟ୍ରପତି ହେବା ପରେ ପ୍ରଥମଥର ପାଇଁ ନିଜ ଗୃହ ରାଜ୍ୟକୁ ଦୁଇଦିନିଆ ସରକାରୀ ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗୁରୁବାର ସନ୍ଧ୍ୟାରେ ରାଜଭବନ ପରିସରରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ଅବସରରେ ସେ ଏହା କହିଛନ୍ତି । ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ବିକ୍ରମକେଶରୀ ଆରୁଖଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ଉପସ୍ଥିତିରେ ରାଷ୍ଟ୍ରପତିଙ୍କ ସମ୍ମାନରେ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ।

ଏହି ଅବସରରେ ଶ୍ରୀମତୀ ମୁର୍ମୁ କହଛନ୍ତି ଯେ, ସେ ଗୁରୁବାର ସକାଳେ ପୁରୀ ଯାଇ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିଛନ୍ତି । ରାଷ୍ଟ୍ରପତି ହେବା ପରେ ନିଜ ମାଟିକୁ ଏହା ପ୍ରଥମ ଆଗମନ । ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ, ସ୍ନେହ ଓ ଶ୍ରଦ୍ଧାରେ ଅଭିଭୂତ । ସେ କହିଛନ୍ତି ଯେ, ଓଡ଼ିଶାର ଗୌରବମୟ ଇତିହାସ ଓ ସଂସ୍କୃତି ଭାରତ ସାଂସ୍କୃତିକ ବିବିଧତା, ଏକତା ଓ ବ୍ୟାପକତାକୁ ଅଧିକ ବ୍ୟାପକ କରିଛି । ଓଡ଼ିଶାକୁ ପ୍ରକୃତିର ଅଭିନବ ବରଦାନ ମିଳିଛି । ଓଡ଼ିଶାର ସୁଦୀର୍ଘ ସମୁଦ୍ର ଉପକୂଳ ସହ ଖଣିଜ, ବନ ଓ ଜଳ ସମ୍ବଳରେ ସମୃଦ୍ଧ ରାଜ୍ୟ । ଓଡ଼ିଶାର ନଦୀଗୁଡ଼ିକ ମଧ୍ୟ ସମୃଦ୍ଧ । ଓଡ଼ିଶା ନିଜର ମାନବ ସମ୍ବଳ ପାଇଁ ସମଗ୍ର ବିଶ୍ୱରେ ପରିଚିତ । ଯଦି ପ୍ରକୃତିର ସମ୍ବଳକୁ ସଠିକ୍ ଉପଯୋଗ କରାଯାଏ ତା'ହେଲେ ଓଡ଼ିଶା ସମଗ୍ର ଭାରତର ଏକ ବିକଶିତ ରାଜ୍ୟ ହୋଇପାରିବ । ବିଜ୍ଞାନ ଆଧାରରେ ନିର୍ମିତ ଓଡ଼ିଶାର ଅନେକ ମନ୍ଦିର ଭାରତୀୟ ସଂସ୍କୃତି ଓ ସଭ୍ୟତାକୁ ନୂଆ ଦିଗ ଦେଇଛି । ଆମେ ସମସ୍ତେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛୁ । ଆଉ ୨୫ବର୍ଷ ପରେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବା । ସେହିପରି ଓଡ଼ିଶା ଆଉ ୧୪ବର୍ଷ ପରେ ନୂଆ ପ୍ରଦେଶ ଗଠନର ଶତାବ୍ଦୀ ପାଳନ କରିବ । ଏହି ସମୟ ଉଭୟ ଭାରତ ଓ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତକୁ ଏକ ବିକଶିତ ଦେଶ ଗଠନ କରିବା ପାଇଁ ସମସ୍ତଙ୍କ ସାମୁହିକ ପ୍ରୟାସର ଆବଶ୍ୟକତା ରହିଛି । ବିକାଶର ଲାଭ ସମାଜର ସବୁବର୍ଗର ଲୋକଙ୍କ



ପାଖରେ ପହଂଚିବା ଜରୁରୀ । ଭାରତରେ ଅନେକ ଜାତି, ଧର୍ମ ଓ ବର୍ଗର ଏକ ବିବିଧତାପୂର୍ଣ୍ଣ ସମାବେଶ ରହିଛି । ଯଦି ସମାଜର ଦୁର୍ବଳ ବର୍ଗଙ୍କ ଜୀବନସ୍ତରରେ ସୁଧାର ଆସିବ ନାହିଁ ତାହେଲେ କୌଣସି ଦେଶ ବା ସମାଜ ସମ୍ପୂର୍ଣ୍ଣ ବିକଶିତ ବୋଲି କୁହାଯାଇ ନପାରେ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ଭାରତର ପ୍ରତି ପ୍ରଦେଶ ମୋର ବେଶ ଆପଣାର ହୋଇପାରିଛି । ଭାରତର ମାଟି ସୁନା ଭଳିଛ ଭାରତର ପ୍ରତି ବୃକ୍ଷ କଳ୍ପବଟ । ଭାରତର ଯେଉଁଠି ଥିଲେ ବି ତାହା ମୋର ଘରଛ ଉତ୍କଳମଣି ଗୋପବନ୍ଧୁଙ୍କ ଲେଖା ମୋତେ ଅନୁପ୍ରାଣିତ କରିଛି । ନିଜ ଅଞ୍ଚଳର ସବୁକିଛି ନିଆରା । ଓଡ଼ିଶା ଆସି ବହୁତ ଖୁସି ଲାଗୁଛି । ଚିଲିକା ପରି ହ୍ରଦ, ଶିମିଳିପାଳ ଭଳି ବୃହତ ଜୈବବିବିଧତାର ଓଡ଼ିଶାର ଭୂଗୋଳକୁ ବଡ଼ ଅବଦାନ ରହିଛି । ଅହିଂସାର ସ୍ୱର ଓଡ଼ିଶା ମାଟିରୁ ଶୁଭିଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି । ଏହା ପୂର୍ବରୁ ରାଷ୍ଟ୍ରପତି ଦୟାନଦୀ କୂଳରେ ଘଟିଥିବା ରକ୍ତପାତ ଘଟଣା, ସମ୍ରାଟ ଅଶୋକଙ୍କ କଳିଙ୍ଗ ବିଜୟ ଓ ଓଡ଼ିଶାର ନୌବାଣିଜ୍ୟ ପରଂପରାକୁ ମନେ ପକାଇଥିଲେ । ସେ କହିଥିଲେ ଭାଷାଭିତ୍ତିକ ଭାବେ ଓଡ଼ିଶା ହେଉଛି ଦେଶର ପ୍ରଥମ ରାଜ୍ୟ । ବ୍ରିଟିଶ ବିରୋଧୀ ଆନ୍ଦୋନଳ ଓଡ଼ିଶାରୁ ଆରମ୍ଭ ହୋଇଥିଲା । ପାଇକ ବିଦ୍ରୋହରେ ଓଡ଼ିଶା ସାମିଲ ହୋଇଥିଲା । ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲାଛ ରମାଦେବୀ, ମାଳତୀ ଦେବୀ ଓ ସରଳା ଦେବୀ ସ୍ୱାଧୀନତା ସଂଗ୍ରାମକୁ ଆହୁରି ବଳ ଦେଇଥିଲେ । ଓଡ଼ିଶାରେ ଭାରତଛାଡ଼ ଆନ୍ଦୋଳନ ମଧ୍ୟ ସକ୍ରିୟ ଥିଲା । ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଭଦ୍ରକ ଜିଲ୍ଲାର ରକ୍ତତୀର୍ଥ 'ଇରମ'ରେ ୨୯ ଜଣ ଶହୀଦ ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନରେ ଡ ହରେକୃଷ୍ଣ ମହତାବଙ୍କ ଅବଦାନକୁ ଭୁଲିହେବ ନାହିଁ ।

ଏହା ପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଜଧାନୀ ଭୁବନେଶ୍ୱରରେ ଥିବା ବିଭିନ୍ନ ପ୍ରତିଷ୍ଠିତ ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୁରୀରୁ ଭୁବନେଶ୍ୱର ବିମାନ ବନ୍ଦର ଫେରିବା ପରେ ସେଠାରେ ଲୋକନୃତ୍ୟ ଓ ପାରମ୍ପରିକ ବାଦ୍ୟ ସହ ଶଙ୍ଖ ଧ୍ୱନିରେ ତାଙ୍କୁ ସାଧାରଣ ଲୋକେ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମ ପ୍ରଥମେ ରାଜ୍ୟ ସଂଗ୍ରହାଳୟ ଛକଠାରେ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଗୋପବନ୍ଧୁ ଛକଠାରେ ପଣ୍ଡିତ ଗୋପବନ୍ଧୁ ଦାସ, ପାୱାର ହାଉସ ଛକଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, କଳିଙ୍ଗ ହସ୍ପିଟାଲ ଛକଠାରେ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଶହୀଦ ଲକ୍ଷ୍ମଣ ନାଏକ, ମୈତ୍ରୀ ବିହାରଠାରେ ଭଗବାନ ର୍ବିସା ମୁଣ୍ଡା ଓ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସେଠାରେ ଜନଜାତିଙ୍କ ପୂଜ୍ୟଦେବତା ମାରାଗଂ ବୁରୁଙ୍କୁ ପ୍ରାର୍ଥନା ପୂର୍ବକ ପ୍ରଣିପାତ କରିଥିଲେ ।ଏହି ସମୟରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ, ରାଜ୍ୟ ମନ୍ତ୍ରୀ ଅଶୋକ ପଣ୍ଡା ଓ ଅନ୍ୟା ପ୍ରତିଷ୍ଠିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।



## ବଡ଼ଦାଣ୍ଡରେ ଚାଲିଲେ, ମହାପ୍ରସାଦ ଖାଇଲେ

ପୁରୀ: ରାଇରଙ୍ଗପୁରରୁ ରାଇସିନା ହିଲ୍‌ରେ ପହଞ୍ଚିବା ପରେ ପ୍ରଥମ ଥର ଓଡ଼ିଶା ଆସି ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କୁ ଦର୍ଶନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । କାଉନସିଲର, ବିଧାୟକ, ମନ୍ତ୍ରୀ ତଥା ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ଅଭିସିକ୍ତ ହେବା ପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସେ ଧାଇଁ ଆସଥିଲେ । ଆଉ ଏଥର ଦେଶର ସର୍ବୋଚ୍ଚ ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ କଳା ଠାକୁରଙ୍କ ଦର୍ଶନ କରିବାକୁ ଆସିଛନ୍ତି । ଭୁଲି ନାହାନ୍ତି ନିଜ ପରମ୍ପରାକୁ , ଭୁଲି ନାହାଁନ୍ତି ନିଜ ସଂସ୍କୃତିକୁ । ମହାପ୍ରଭୁଙ୍କ ମାଟିର ଝିଅ, ମହାପ୍ରଭୁଙ୍କ ପାଖକୁ ଆସିଛନ୍ତି । ମହାମହିମ ହୋଇଛନ୍ତି କିନ୍ତୁ ନିଜ ମହାପ୍ରଭୁଙ୍କୁ ଜାବୁଡ଼ି ଧରିଛନ୍ତି । ଏପରିକି ସୁରକ୍ଷା ପ୍ରୋଟୋକଲ ଭାଙ୍ଗି ବଳଗଣ୍ଡି ଛକରୁ କାର୍‌ରୁ ଓହ୍ଲାଇ ବଡ଼ଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କ ଆଶୀର୍ବାଦ ନେଇଛନ୍ତି । ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତଳେ ବସି କଦଳୀ ପତ୍ରରେ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିଛନ୍ତି । ଗଜପତି ମହାରଜ ଦିବ୍ୟସିଂହ ଦେବଙ୍କ ରାଜ ଭବନରେ ଗଜପତିଙ୍କ ପରିବାର ସହ ମହାପ୍ରସାଦ ସେବନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

ବଡ଼ଦାଣ୍ଡରେ ରାଷ୍ଟ୍ରପତି ଚାଲି ଚାଲି ଯିବା ସମୟରେ ତାଙ୍କ ଚାରିପଟେ ସୁରକ୍ଷା ଅଧିକାରୀ ତଥା ଆଗ ଧାଡ଼ିର ନେତା ଓ ଅଧିକାରୀ ବି ଚାଲି ଚାଲି ଯାଇଥିଲେ । ବଡ଼ଦାଣ୍ଡରେ ପହଞ୍ଚିବା ପରେ ଆତ୍ମ ବିଭୋର ହୋଇ ପଡ଼ିଥିଲେ ଦେଶର ପ୍ରଥମ ନାଗରିକ ଛ ବଡ଼ଦାଣ୍ଡରେ ସାଷ୍ଟାଙ୍ଗ ପ୍ରଣିପାତ କରିବା ସହ ଅରୁଣ ସ୍ତମ୍ଭଙ୍କୁ ସ୍ୱର୍ଶ କରି ନମସ୍କାର ହୋଇଥିଲେ ରାଷ୍ଟ୍ରପତି । ରାଷ୍ଟ୍ରପତିଙ୍କ ସହ ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରୁ ଆସିଥିବା ତାଙ୍କ କୌଳିକ ବ୍ରାହ୍ମଣ ବି ଶ୍ରୀମନ୍ଦିରକୁ ଯାଇଥିଲେ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପ୍ରାୟ ୩୦ ମିନିଟ କାଳ ପୂଜାର୍ଚ୍ଚନା କରିବା ପରେ ଶ୍ରୀମନ୍ଦିର ଭିତରୁ ଫେରିଲେ ରାଷ୍ଟ୍ରପତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ତୁଳସୀ ମାଳ ଦେଇଥିଲେ ଓ ଦୀପ ଜଳାଇ ଥିଲେ । ସେ ବିମଳା ମନ୍ଦିରରେ ମଧ୍ୟ ମା'ଙ୍କ ଦର୍ଶନ କରିଥିଲେ ।



ରାଷ୍ଟ୍ରପତିଙ୍କ ସ୍ୱାଗତ ନିମନ୍ତେ ସିଂହଦ୍ୱାର ନିକଟରେ ଗଜପତି ମହାରାଜ, ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ, ପରିଚାଳନା କମିଟି ସଦସ୍ୟ, କୌଳିକ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ବହୁ ଉତ୍ସୁକତାର ସହ ଅପେକ୍ଷା କରିଥିଲେଛ ଗଜପତି ମହାରାଜା ପୁଷ୍ପଗୁଚ୍ଛ ଦେଇ ରାଷ୍ଟ୍ରପତି ମୁର୍ମୁଙ୍କ ସ୍ୱାଗତ ଜଣାଇଥିଲେ ।

# ଫଟୋରେ ଖବର

THE AADHAR ODISHA
ଆଧାର୍ ଓଡ଼ିଶା





କଟକ ମହାନଦୀ ପଠାରେ ଆରମ୍ଭ ହୋଇଛି ପ୍ରସିଦ୍ଧ ବାଲିଯାତ୍ରା । ଏହି ଅବସରରେ ବାଲିଯାତ୍ରା ପଡ଼ିଆରୁ କେତେକ ସ୍ଥିର ଚିତ୍ର ।






















# ଅଭିନୟ ପାଇଁ ପାଠପଢ଼ାରେ ଡୋରି

ଅଭିନୟ ଏମିତି ଏକ ନିଶା ଯାହା ବେଳେ ବେଳେ କୃତୀ ବିଦ୍ୟାର୍ଥୀଙ୍କୁ ବି ନିଜ ପାଠପଢ଼ା ଉପେକ୍ଷା କରିବା ପାଇଁ ବାଧ୍ୟ କରିଥାଏ । ଏପରିକି କେହି କେହି ପାଠପଢ଼ାରେ ଅଧାରୁ ଡୋରି ବାନ୍ଧି ଅଭିନୟ ନିଶାରେ ମାତିଥାଆନ୍ତି । ଲୋକପ୍ରିୟ ଟିଭି ଅଭିନେତ୍ରୀ ଦିଶା ପରମାର ସେଭଳି ଜଣେ କଳାକାର ଯିଏ ବାଣିଜ୍ୟ ପାଠ୍ୟକ୍ରମରେ ସ୍ନାତକ କରୁଥିବା ବେଳେ ଏକ ଧାରାବାହିକ ପାଇଁ ପାଠପଢ଼ା ବନ୍ଦ କରିଦେଇଥିଲେ । ଅବଶ୍ୟ ଅଭିନୟକୁ ପେସା କରି ସେ ଆଶାତୀତ ଖ୍ୟାତି ଓ ପ୍ରତିଷ୍ଠା ହାସଲ କରିପାରିଛନ୍ତି ।

ନୂଆଦିଲ୍ଲୀରେ ୧୯୯୪ ନଭେମ୍ବର ୧୧ ତାରିଖରେ ଜନ୍ମିତ ଦିଶା ପିଲାଟି ବେଳୁ ଜଣେ ଉତ୍ତମ ଛାତ୍ରୀ ଥିବା ବେଳେ ତାଙ୍କର ଅଭିନୟ ପ୍ରତି ସେଭଳି ବିଶେଷ ରୁଚି ନଥିଲା । ତେବେ ପଢ଼ିଲା ବେଳେ ବିଭିନ୍ନ ନାଟକ ଓ ନୃତ୍ୟ ପ୍ରତିଯୋଗିତାରେ ତାଙ୍କୁ ବାଧ୍ୟ ହୋଇ ସାମିଲ ହେବାକୁ ପଡୁଥିଲା । ନିଜର ସୁନ୍ଦର ଚେହେରା ପାଇଁ ଅନ୍ୟମାନଙ୍କ ପ୍ରେରଣାରେ ସେ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାଗ ନେବା ଆରମ୍ଭ କରିଥିଲେ । ଯଦିଓ କୌଣସିଟିରେ ସେ ବିଜୟିନୀ ହୋଇନଥିଲେ, ତେବେ ଗ୍ଲାମର ଦୁନିଆଁ ପ୍ରତି ତାଙ୍କର ଆକର୍ଷଣ ବଢ଼ିଥିଲା ।

ସୌଭାଗ୍ୟବଶତଃ ୨୦୧୧ ମସିହାରେ ହିନ୍ଦୀ ଧାରାବାହିକ 'ପ୍ୟାର କା ଦର୍ଦ ହୈ ମିଠା ମିଠା ପ୍ୟାରା ପ୍ୟାରା'ରେ ଅଭିନୟ ପାଇଁ ତାଙ୍କୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ଚୟନ କରାଯାଇଥିଲା । ପାଠପଢ଼ା ବନ୍ଦ କରି ସେଥିରେ ସେ 'ପଙ୍ଖୁରୀ' ଚରିତ୍ରକୁ ଏତେ ନିଖୁଣ ଭାବରେ ନିର୍ବାହ କଲେ ଯେ ତାଙ୍କୁ ଆଉ ପଛକୁ ବୁଲି ଚାହିଁବା ଦରକାର ପଡ଼ିନ । ତାହା ପରେ ପରେ 'ସାଥ ନିଭାନା ସାଥୀୟା', 'ଇସ୍ ପ୍ୟାର କୋ କ୍ୟା ନାମ ଦୁଁ', 'ଦିୟା ଔର ବାତି ହମ୍' ଓ 'ୟେ ହୈ ମୋହବତେଁ' ଆଦି ଧାରାବାହିକରେ ଦିଶା ନିଜର ଶାଣିତ କଳାଚାତୁରୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିଲେ । ୨୦୧୬ରେ ୱେବ୍ ଧାରାବାହିକ 'ଆଇ ଡୋଣ୍ଟ ୱାଚ୍ ଟିଭି'ରେ ମଧ୍ୟ ସେ ଅନୁରୂପ ଦର୍ଶକୀୟ ସ୍ୱୀକୃତି ହାସଲ କରିପାରିଥିଲେ । ସେହିପରି 'ବକ୍ସ କ୍ରିକେଟ୍ ଲିଗ୍' ଓ 'ବିଗ୍ ବସ୍ ୯' ଆଦି ବାସ୍ତବଧର୍ମୀ ଧାରାବାହିକରେ ମଧ୍ୟ ସେ ପ୍ରଶଂସକମାନଙ୍କୁ ନିରାଶ କରିନାହାନ୍ତି । ଏଥି ସହିତ 'କୁମ୍‌କୁମ୍ ଭାଗ୍ୟ', 'ୱୋ ଅପ୍‌ନା ସା' ଓ 'ଜମାଇ ରାଜା' ଆଦି ଧାରାବାହିକରେ ତାଙ୍କର ନିଆରା ଭୂମିକା ଦର୍ଶକଙ୍କ ମନରେ ଗଭୀର ରେଖାପାତ କରିପାରିଥିଲା । ଗତ ବର୍ଷ ଅଗଷ୍ଟରୁ ଏଯାଏ ପ୍ରସାରଣ ଚାଲୁ ରହିଥିବା ଏକତା କପୂରଙ୍କ ଧାରାବାହିକ 'ବଡ଼େ ଅଚ୍ଛେ ଲଗତେ ହୈଁ'ରେ ଦିଶାଙ୍କ ପୋଖତ ଅଭିନୟ ବେଶ୍ ବାରି ହୋଇପଡୁଛି । ଗତବର୍ଷ ଜୁଲାଇରେ ଗାୟକ ତଥା ବିଗ୍ ବସ୍ ସହଅଭିନେତା ରାହୁଲ ବୈଦ୍ୟଙ୍କୁ ବିବାହ କରିଥିବା ଦିଶା ୨୦୨୦ରେ ଗୁଗଲ୍ ପକ୍ଷରୁ ପ୍ରକାଶିତ ଶ୍ରେଷ୍ଠ ଅନ୍ୱେଷିତ ଭାରତୀୟ ମହିଳା ତାଲିକାର ପଞ୍ଚମ ସ୍ଥାନରେ ରହିଥିଲେ ।




# ବଲିଉଡ୍‌କୁ ନା କଲେ ଋଷଭ

କନ୍ନଡ ସିନେମା 'କାନ୍ତାରା'ର ବକ୍ସ ଅଫିସରେ 'ଛୋଟ ପ୍ୟାକେଟ୍ ଏକ ବଡ ଧମାକା' ବୋଲି ପ୍ରମାଣିତ ହୋଇଛି । ଏହି ଫିଲ୍ମଟି ମାତ୍ର ୧୫ କୋଟି ବଜେଟ୍‌ରେ ନିର୍ମିତ ହୋଇଥିଲା କିନ୍ତୁ ଏହା ରୋଜଗାରରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । 'କାନ୍ତାରା'ରେ ଋଷଭ ଶେଟ୍ଟୀ ଅଭିନୟ ସମସ୍ତଙ୍କୁ ବିମୋହିତ କରିଛି । ଲୋକେ ତାଙ୍କୁ ଭୂରି ଭୂରି ପ୍ରଶଂସା କରୁଛନ୍ତି । ଏଥିସହିତ ବର୍ତ୍ତମାନ 'କାନ୍ତାରା'ର ସଫଳତା ପରେ ଋଷଭ ଶେଟ୍ଟୀ ମଧ୍ୟ ବଲିଉଡରୁ ଅଫର ପାଇବା ଆରମ୍ଭ କରିଛନ୍ତି, ଯାହା ଅଭିନେତା ନିଜେ ପ୍ରକାଶ କରିଛନ୍ତି । ବଲିଉଡରେ ତାଙ୍କର ପ୍ରବେଶକୁ ନେଇ ପଚରାଯିବାରୁ ସେ କହିଛନ୍ତି ଯେ ମୋତେ ବଲିଉଡ ନିର୍ମାତାଙ୍କଠାରୁ ଅଫର ମିଳୁଛି କିନ୍ତୁ ବର୍ତ୍ତମାନ ମୁଁ କେବଳ କନ୍ନଡରେ ଫିଲ୍ମ କରିବାକୁ ଚାହୁଁଛି । ମୁଁ ମିଷ୍ଟର ବଚ୍ଚନଙ୍କୁ ଭଲ ପାଏ । ଋଷଭ ଶେଟ୍ଟୀଙ୍କ ପୂର୍ବରୁ ଦକ୍ଷିଣ ସିନେମା ସୁପରଷ୍ଟାର ମହେଶ ବାବୁ ମଧ୍ୟ ବଲିଉଡ ଫିଲ୍ମକୁ ପ୍ରତ୍ୟାଖ୍ୟାନ କରିଛନ୍ତ । ତାଙ୍କର ଗୋଟିଏ ଫିଲ୍ମର ପ୍ରମୋସନ ବେଳେ ସେ ବଲିଉଡ ପାଇଁ ଏକ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ହଇଚଇ ସୃଷ୍ଟି ହୋଇଯାଇଥିଲା । ବଲିଉଡ୍‌କୁ ନେଇ ଅଭିନେତା କହିଥିଲେ ଯେ ମୁଁ ଭାବୁଛି ସେମାନେ ମୋତେ ଅଫର୍ଡ କରି ପାରିବେ ନାହିଁ । ଏହି କାରଣରୁ ମୁଁ ମୋର ସମୟ ନଷ୍ଟ କରିବାକୁ ଚାହେଁ ନାହିଁ । ତେଲୁଗୁ ସିନେମାରୁ ମତେ ଷ୍ଟାରଡମ୍ ଏବଂ ଭଲ ପାଇବା ମିଳିଛି । ତେବେ ଏହି ବିବୃତ୍ତି ପରେ ମହେଶ ବାବୁ ମଧ୍ୟ ନିଜ ଭୁଲ ବୁଝି ସଫେଇ ଦେଇଥିଲେ । 'କାନ୍ତାରା' ବିଷୟରେ କହିବାକୁ ଗଲେ ଏହି ଫିଲ୍ମଟି ସେପ୍ଟେମ୍ବର ୩୦ରେ କନ୍ନଡ ଭାଷାରେ ମୁକ୍ତିଲାଭ କରିଥିଲା । ପ୍ରଥମ ଦିନରେ ହିଁ ଫିଲ୍ମକୁ ବହୁତ ଭଲ ପ୍ରତିକ୍ରିୟା ମିଳିଥିଲା । ଏହା ପରେ ହିନ୍ଦୀ ସମେତ ଅନ୍ୟାନ୍ୟ ଭାଷାରେ ଫିଲ୍ମ ମୁକ୍ତିଲାଭ କରିଥିଲା ଆଉ ଛାଇଯାଇଥିଲା । ଏହି ଫିଲ୍ମର ରୋଜଗାର ସାରା ବିଶ୍ୱରେ ୩୦୦ କୋଟି ଅତିକ୍ରମ କରି ରୋଜଗାର କ୍ଷେତ୍ରରେ ଏହା ଦ୍ୱିତୀୟ କନ୍ନଡ ଫିଲ୍ମ ହୋଇପାରିଛି । ପ୍ରଥମ ନମ୍ବରରେ 'କେଜିଏଫ୍ ୨' ରହିଛି ।

# କମଳା ଖାଇବା ପରେ ଫିଙ୍ଗନ୍ତୁ ନାହିଁ ଚୋପା

**ଆମ ଦେଶରେ କମଳା ଉତ୍ପାଦନ ଅଧିକ ହୋଇଥାଏ । ଏହି ଫଳକୁ ଅତି ଉତ୍ସାହର ସହ ଖିଆଯାଇଥାଏ । ଏହାର ଖଟା-ମିଠା ସ୍ୱାଦ ସମସ୍ତଙ୍କୁ ଆକର୍ଷିତ କରିଥାଏ । ଏଥିରେ ଥିବା ଭିଟାମିନ୍ ସି, କ୍ୟାଲସିୟମ୍ ଏବଂ ଫୋଲେଟ୍ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଏହାର ଭିତରର ଫଳକୁ ତ ଆମେ ଖାଇଥାଉ କିନ୍ତୁ ଏହାର ଚୋପାକୁ ଫୋପାଡି ଦେଇଥାଉ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଏହା କରିବା ଦ୍ୱାରା ଆପଣ କମଳା ଚୋପାର ଉପକାରିତାରୁ ବଞ୍ଚିତ ହେବେ । ତେବେ ଆସନ୍ତୁ ଜାଣିବା କମଳା ଚୋପାର କ'ଣ ରହିଛି ଉପକାରିତା ।**

❖ **ଚର୍ମ ପାଇଁ ଭଲ :** କମଳା ଚୋପା ଆମ ତ୍ୱଚା ପାଇଁ କୌଣସି ଉପହାରକୁ କମ୍ ନୁହେଁ । ଯଦି ଆପଣଙ୍କ ତ୍ୱଚା ତେଲିଆ ହୋଇଥାଏ ତେବେ ଏହା କୌଣସି ଔଷଧଠାରୁ କମ୍ ନୁହେଁ । ଏହାକୁ ଗୁଣ୍ଡକରି ମହୁ ସହ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ଏହାକୁ ମୁହଁରେ ଲଗାନ୍ତୁ । ଆପଣଙ୍କ ମୁହଁରେ ଚମକ ଆସିବ ଏବଂ ଦାଗ ମଧ୍ୟ ଦୂର ହୋଇଯିବ ।



❖ **ଶୋଇବାରେ ସହାୟକ ହୋଇଥାଏ :** ଯଦି ଆପଣଙ୍କୁ ଆରାମଦାୟକ ନିଦ ଆସୁନାହିଁ ତେବେ ଏଥିପାଇଁ କମଳା ଚୋପାକୁ ପାଣିରେ ମିଶାଇ ଗରମ କରନ୍ତୁ । ପରେ ଏହାକୁ ପିଅନ୍ତୁ । ନିୟମିତ ଏଭଳି କରିବା ଦ୍ୱାରା ରାତିରେ ଭଲ ନିଦ ଆସିଥାଏ ।

❖ **ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି :** କମଳା ଚୋପାରେ ଆଣ୍ଟି ଇନ୍‌ଫାମେଟୋରୀ ଗୁଣ ରହିଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । କରୋନା ଭାଇରସ୍ ମଧ୍ୟରେ ସବୁବେଳେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାକୁ କୁହାଯାଇଥାଏ । ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ କମଳ । ଚୋପା ବେଶ୍ ଉପଯୋଗୀ ହୋଇପାରେ । ଏଥିପାଇଁ କମଳା ଚୋପାକୁ ଗରମ ପାଣିରେ ଧୋଇ ଖାଇପାରିବେ । କିଛି ଲୋକ ଚିନି ଏବଂ ଲେମ୍ବୁ ସହ ଏହାକୁ ଖାଇବାକୁ ପସନ୍ଦ କରନ୍ତି ।

❖ **କଣ୍ଡିସନର ଭାବେ କାମ କରେ :** ଆମେ ପ୍ରାୟତଃ ବଜାରରୁ ମହଙ୍ଗା ଏବଂ କେମିକାଲ ଯୁକ୍ତ କଣ୍ଡିସନର ବ୍ୟବହାର କରିଥାଉ । କିନ୍ତୁ ଆପଣ ଜାଣନ୍ତି କି ଏଥିପାଇଁ କମଳା ଚୋପା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ । ଏହି ଚୋପାରେ କ୍ଲୋଜିଂ ଗୁଣ ଥାଏ ଯାହା କେଶ ପାଇଁ ଲାଭଦାୟକ ହୋଇଥାଏ । ଏଥିପାଇଁ କମଳା ଚୋପାକୁ ଶୁଖାଇ ଗୁଣ୍ଡ କରନ୍ତୁ, ତାପରେ ସେଥିରେ ମହୁ ମିଶ୍ରିତ କରି ମୁଣ୍ଡରେ ଲଗାନ୍ତୁ । ଧୋଇବା ପରେ କେଶ ଚମକିବ ।

❖ **ରୁପିରୁ ମିଳିବ ମୁକ୍ତି :** ଯେତେବେଳେ କେଶରେ ରୁପି ଦେଖାଯାଏ ସେତେବେଳେ ଆପଣଙ୍କୁ ଲାଜ ଲାଗିଥାଏ । ଏଥିପାଇଁ ଆପଣ କମଳା ଚୋପାକୁ ଶୁଖାଇ ଗୁଣ୍ଡ କରନ୍ତୁ ଏବଂ ସେଥିରେ ନଡିଆ ତେଲକୁ ମିଶାନ୍ତୁ । ଏହି ମିଶ୍ରଣକୁ କେଶରେ ଲଗାଇବା ଦ୍ୱାରା ରୁପି ଦୂର ହୋଇଥାଏ ।

# ରାତ୍ରୀ ଭୋଜନ ଶୀଘ୍ର କରୁଥିଲେ ମିଳେ ଏହି ଲାଭ

**କର୍ମବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଖୁବ କମ୍ ଲୋକେ ନିଜ ସ୍ୱାସ୍ଥ୍ୟ ପ୍ରତି ସଠିକ୍ ଧ୍ୟାନ ଦେଇଥାଆନ୍ତି । ଫଳରେ ଅନେକ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ଦୈନିକ ଔଷଧ ସେବନ କରିବାକୁ ମଧ୍ୟ ପଡିଥାଏ । ମାତ୍ର ସଠିକ ସମୟରେ ସକାଳେ ଉଠିବା, ରାତିରେ ଶୋଇବା ଓ ଖାଦ୍ୟ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।**

- ଦିନ ସାରା କାମ କରିବା ପରେ ରାତିରେ ସଠିକ ସମୟରେ ଖାଦ୍ୟ ଖାଇବା ନିତାନ୍ତ ଆବଶ୍ୟକ । ଏହାଦ୍ୱାରା ଶୋଇବା ପାଇଁ ଭରପୁର ସମୟ ମିଳିଥାଏ । ଆପଣ ମଧ୍ୟ ସତେଜ ଅନୁଭବ କରିବେ ।
- ରାତ୍ରୀ ଭୋଜନ ଶୀଘ୍ର କରିବା ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ । ଫଳରେ କୋଲେଷ୍ଟେରୋଲ୍ ଓ ମେଦବହୁଳତା ସମସ୍ୟା ହୋଇନଥାଏ । ଏହାଦ୍ୱାରା ହୃଦୟ ଜନିତ ସମସ୍ୟା ହୋଇ ନ ଥାଏ । ହୃଦୟ ସୁସ୍ଥ ରହିଥାଏ ।
- ବିଳମ୍ବିତ ରାତିରେ ଖାଦ୍ୟ ଖାଇ ତୁରନ୍ତ ଶୋଇବା ଦ୍ୱାରା ଏସିଡିଟି ସମସ୍ୟା ହୋଇଥାଏ । ଫଳରେ ଛାତି ଓ ଗଳାରେ ଜଳାପୋଡା ହୋଇଥାଏ ।
- ରାତିରେ ଶୀଘ୍ର ଭୋଜନ କରିବା ପରେ ୧୫ ମିନିଟ୍ ଚାଲନ୍ତୁ । ଏହାଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହେବା ସହ ଓଜନ ବୃଦ୍ଧି ହୋଇନଥାଏ ।
- ଶୀଘ୍ର ଖାଦ୍ୟ ଖାଇଲେ ଏହା ଭଲ ଭାବେ ହଜମ ହୋଇଥାଏ । ପାଚନ ସୁସ୍ଥ ରହିଥାଏ ।
- ରାତିରେ ଜଲଦି ଖାଇବା ପରେ ସଠିକ ସମୟରେ ଶୋଇବା ଦ୍ୱାରା ସକାଳେ ଆପଣ ସତେଜ ଅନୁଭବ କରିବା ସହ ଥକ୍କାପଣ ଅନୁଭବ ହୋଇନଥାଏ ।
- ଏହା ପେଟରେ ଯନ୍ତ୍ରଣା ଓ ଅନ୍ୟାନ୍ୟ ସମସ୍ୟା ଦୂର ପାଇଁ ସଠିକ ସମୟରେ ଭୋଜନ କରନ୍ତୁ ।
- ରାତ୍ରୀ ଭୋଜନର ସଠିକ ସମୟ ୭ଟା ରୁ ୭ଟା୩୦ ହେବା ଉଚିତ୍ । ରାତିରେ ଭୋକ ଲାଗିଲେ ଆପଣ ଫଳ କିମ୍ବା ଅନ୍ୟ ହାଲକା ଜିନିଷ ମଧ୍ୟ ସେବନ କରିପାରିବେ ।

THE AADHAR ODISHA
ଆଧାର ଓଡ଼ିଶା

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ୟା ପଣ୍ଡିତ ଗ୍ରହାଃଚାର୍ଯ୍ୟ
ଶ୍ରୀ ବ୍ରହ୍ମାନନ୍ଦ ନାୟକ
ଯୋଗାଯୋଗ-୯୯୩୭୬୭୨୭୦୨

**ମେଷ** — ୧୧ କର୍ମକ୍ଷେତ୍ରେ ବିମର୍ଶ ଭାବ । ୧୨ ଓ ୧୩ ଆପଣଙ୍କ ପାଇଁ ଶୁଭ, ଅର୍ଥଲାଭ । ୧ ୪ ଓ ୧୫ କଳହ, ଅଶାନ୍ତି ଓ ସମ୍ମାନହାନୀ । ୧୬ ଓ ୧୭ ଦେହକ୍ଲେଶ, ଦୁଃଶ୍ଚିନ୍ତା ଓ ବିନା କାରଣରେ ଅନର୍ଥ ସୃଷ୍ଟି । ମହିଳାମାନେ ଗୃହ କର୍ମରେ ରହିବ । ଛାତ୍ରଛାତ୍ରୀ ଶିକ୍ଷା ମାର୍ଗରେ ଅବହେଳା କରିବେ ।

**ବୃଷ** — ୧୧ ସମୟଟି ଯଥାକଥାରେ କଟିବ । ୧୨ ଓ ୧୩ ପ୍ରତ୍ୟେକ କର୍ମେ ଲାଭଦାୟକ ହେବ । କାର୍ଯ୍ୟକଳାପରେ ଖୁସି ରହିବେ । ଶରୀର ଅସୁସ୍ଥ ରହିବ । ୧୪ ଓ ୧୫ ଆୟ ଅପେକ୍ଷା ବ୍ୟୟ ଅଧିକ । ୧୬ ଓ ୧୭ କାର୍ଯ୍ୟକ୍ରମରେ ମଧ୍ୟମ ରହିବ । ମହିଳାମାନେ ଶରୀର କଷ୍ଟରେ ପୀଡ଼ିତ ରହିବେ ।

**ମିଥୁନ** — ୧୧ ଭଲ କାମ କଲେ ବି କଳି ଓ ଅନର୍ଥ ଦେଖାଦେବ । ୧୨ ଓ ୧୩ ପ୍ରତ୍ୟେକ କ୍ଷେତ୍ରେ ଲାଭବାନ ହେବେ । କାର୍ଯ୍ୟକଳାପରେ ଖୁସି ରହିବେ । ଯାତ୍ରା ବିଧିକରଣ ପାଇଁ ଶୁଭ । ୧୪ ଓ ୧୫ କଳହ ଓ ଅନର୍ଥ । ୧୬ କିଛି ପରିବର୍ତ୍ତନ ନାହିଁ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ ।

**କର୍କଟ** — ୧୧ ଅର୍ଥଲାଭ । ୧୨ ଓ ୧୩ କଲ୍ୟାଣୀଚନ୍ଦ୍ର ଯୋଗୁ ପ୍ରତ୍ୟେକ କ୍ଷେତ୍ରେ ମିଶ୍ରଫଳ । ମନପ୍ରାଣ ଶରୀର ଭଲ ରହିବ।୧୪ ଓ ୧୫ କର୍ମକ୍ଷେତ୍ରେ ଅର୍ଥଲାଭ । ୧୬ ଓ ୧୭ ଅସ୍ଥିରତା ରହିବେ । ବିଶେଷ କିଛି ପରିବର୍ତ୍ତନ ନାହିଁ । ଅର୍ଥବ୍ୟୟ ହେବାର ସମ୍ଭାବନା ରହିଛି । ମହିଳାମାନେ ସେବାରେ ଲିପ୍ତ ରହିବେ ।

**ସିଂହ** — ୧୧ କର୍ମକ୍ଷେତ୍ରେ ସଫଳତା, ଶାନ୍ତି ମିଳିବ । ୧୨ ରିଖ ଘାତବାର, ତେଣୁ ନିରବତା ଫଳ । ୧୩ ଅର୍ଥପ୍ରାପ୍ତିର ସୁଯୋଗ, ମନ ଭଲ ରହିବ । ୧୪ ଓ ୧୫ ଯାତ୍ରା ବିଧିକରଣକୁ ଶୁଭ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ୧୬ ଓ ୧୭ ଯଥାକଥାରେ ସମୟ କଟିବ । ମହିଳାମାନେ ଗୃହଧନ୍ଦାରେ ରହିବେ ।

**କନ୍ୟା** — ୧୧ ଶରୀର ଅସୁସ୍ଥ । ୧୨ ଘାତବାର କିଛି ପରିବର୍ତ୍ତନ ନାହିଁ । ୧୨ ପୁରୁଷ ରାଶିକୁ ଘାତଚନ୍ଦ୍ର । ଯାତ୍ରାବିଧିକରଣକୁ ମନା । ୧୪ କାର୍ଯ୍ୟକ୍ରମେ ମଧ୍ୟମ ଧରଣର କଟିବ । ମନଟି ଭଲ ରହିବ । ୧୪ ଓ ୧୫ ଶରୀର ପ୍ରତି ଭଲ । ଆୟବ୍ୟୟ ସମାନ । ମହିଳାମାନେ ନିଜ କର୍ମରେ ରହିବେ ।

**ତୁଳା** — ୧୧ ଆପଣଙ୍କ ପାଇଁ ଶୁଭ ଅନୁକୂଳ ନୁହେଁ । ୧୨ ଓ ୧୩ କାର୍ଯ୍ୟହାନୀ, ଅର୍ଥବ୍ୟୟ ଓ ଅସୁସ୍ଥ ମନ । ୧୪ ଓ ୧୫ ସାମାନ୍ୟ ପରିବର୍ତ୍ତନ । ଯଥାକଥାରେ ସମୟଟି କଟିବ । ୧୬ ଓ ୧୭ କିଛି ଭଲ କାମ ଗୃହପାଇଁ କରିବେ । ଅର୍ଥଲାଭ । ମନଟି ଭଲ ରହିବ । ମହିଳାମାନେ ପରିବାର ବର୍ଗେ ଖୁସିର ପାତ୍ର ହେବ ।

**ବିଛା** — ୧୧ ଘାତବାର । ୧୨ ଧନହାନୀ, ଯାତ୍ରାବିଧିକରଣକୁ ମନା । ୧୩ ଅର୍ଥହାନୀ । ୧୪ ଓ ୧୫ ଅନର୍ଥ, ଝଗଡ଼ା, ଅଶାନ୍ତିଭାବ । ୧୬ ରିଖ ସମଫଳ, ନିରବତା, ୧୭ ସମ୍ମାନବୃଦ୍ଧି, ମନଟି ଭଲ ରହିବ । ମହିଳାମାନେ ଶରୀର କଷ୍ଟପୀଡ଼ା ଅନୁଭବ କରିବେ । ବିଦ୍ୟାର୍ଥୀମାନେ ଶିକ୍ଷା ମାର୍ଗରେ ରହିବେ ।

**ଧନୁ** — ୧୧ ଘାତବାର ଯୋଗୁ ମାନ୍ଦାଫଳ । ୧୨ ବନ୍ଧୁ ସାହାଯ୍ୟ, ମନପ୍ରାଣ, କର୍ମକ୍ଷେତ୍ରେ ଭଲ ରହିବ । ୧୩ କର୍ମକ୍ଷେତ୍ରେ ଅଧିକାରୀଙ୍କଠାରୁ ସମ୍ମାନ ପାଇବେ । ୧୪ ଓ ୧୫ ଶରୀର କ୍ଲେଶ, ପଥବନ୍ଧନ, ମାନସିକ ଦୁଃଶ୍ଚିନ୍ତା । ୧୬ ଓ ୧୭ କର୍ମକ୍ଷେତ୍ରେହାନୀ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ ।

**ମକର** — ୧୧ ଅର୍ଥବ୍ୟୟରେ ରହିବେ । ମନ ଅଶାନ୍ତ ରହିବ । ୧୨ ଓ ୧୩ ଭାବିଥିବା କାମରେ ରତ୍ ରହିବେ । ୧୪ ଓ ୧୫ ଆୟ, ବ୍ୟବସାୟ କ୍ଷେତ୍ରେ ଲାଭବାନ । ୧୬ ରିଖ ସମଫଳ, ଶୁଭ । ୧୭ ପଥବନ୍ଧନ, ମାନହାନୀ, କଳହ । ମହିଳା ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ଭାଳି ନେବେ। ଛାତ୍ରଛାତ୍ରୀଙ୍କ ପାଇଁ ଭଲ।

**କୁମ୍ଭ** — ୧୧, ୧୨ ଓ ୧୩ ରିଖ ମନବ୍ୟାକୁଳ, ଗୃହ ଓ ଗୁରୁଜନଙ୍କ ପରିସ୍ଥିତିକୁ ନେଇ ଦୁଃଖିତ । କର୍ମକ୍ଷେତ୍ରେ ଅବହେଳିତ । ଖର୍ଚ୍ଚାନ୍ତ ଦେଖାଦେବ। ୧୪ ଓ ୧୫ କିଛି ମାତ୍ରରେ ପରିବର୍ତ୍ତନ । ୧୬ ଓ ୧୭ ନିଜ ପାରିବାରିକ କ୍ଷେତ୍ରେ ସୁଖମୟ । ମହିଳାମାନେ ଆନନ୍ଦ ସହିତ ଗୃହକାର୍ଯ୍ୟକୁ ସମ୍ଭାଳି ନେବେ ।

**ମୀନ** — ୧୧ ଶତ୍ରୁଲୋକମାନେ ମିତ୍ର ଆଚରଣ କରିବେ ।୧୨ ଅର୍ଥଲାଭ, ଦିନଟି ଭଲରେ କଟିବ । ୧୩ ବନ୍ଧୁ ମିଳନ। ଦେବ ଦର୍ଶନ ଆନନ୍ଦ ସହିତ ସମ୍ମାନ ପ୍ରାପ୍ତ ହେବ । ୧୪ ଓ ୧୫ ଯଥାକଥାରେ ସମୟ କଟିବ । ଅର୍ଥବ୍ୟୟ । ୧୬ ଓ ୧୭ ରିଖ ଖର୍ଚ୍ଚାନ୍ତରେ ରହିବେ । ମହିଳାମାନେ ଗୃହ କାମରେ ଲିପ୍ତ ରହିବେ ।

# ମଣ୍ଡିକୁ ନୁହେଁ, ଦଲାଲ ପାଖକୁ ଯାଉଛି ଧାନ

ବରଗଡ: ମଣ୍ଡିକୁ ନୁହେଁ, ଧାନ ଯାଉଛି ଦଲାଲ ପାଖକୁ । ମିଲର ନେଉଛି ଚାଷୀର ଧାନ । ପ୍ରଶ୍ନ ମଣ୍ଡି ନ ଖୋଲି ଚାଷୀଙ୍କୁ ଶୋଷଣ କରିବାର ବାଟ କିଏ ଖୋଲିଛି । ଏବେ ବାଟରେ ପଡ଼ି ଦାଣ୍ଡରେ ଗଡୁଛି ଦଲାଲ-ମିଲର ମଧୁଚନ୍ଦ୍ରିକା । ନିୟମ ଅନୁସାରେ ନଭେମ୍ବର ୧ରେ ପ୍ରଥମେ ମଣ୍ଡି ଖୋଲିବା କଥା । ମାତ୍ର ଡିସେମ୍ବର ୧ରୁ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେଇଛି ପ୍ରଶାସନ । ମାତ୍ର ବିରୋଧ ହେବାରୁ ଏହାକୁ ୭ ଦିନ ପଛକୁ ଘୁଞ୍ଚାଇ ନଭେମ୍ବର ୨୫ ତାରିଖ କରାଯାଇଛି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଧାନ ଅମଳ ହେଲାଣି । ମାତ୍ର ମିଲରଙ୍କ ସ୍ୱାର୍ଥ ପାଇଁ ମଣ୍ଡି ଖୋଲିବାରେ ବିଳମ୍ବ କରୁଛି ପ୍ରଶାସନ । କେବଳ ମଣ୍ଡି ଖୋଲିବା ନୁହେଁ ଗତଥର ମରୁଡି ପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପରର୍ଯନ୍ତ ମିଳିନି ଇନପୁଟ ସବସିଡି । ସେଥିପାଇଁ ପଦ୍ମପୁରରେ ତେଜୁଛି ଚାଷୀ ଆନ୍ଦୋଳନ ।

କୁହାଯାଉଛି ଚାଷକୁ ହିଁ ଗଣି କରି ଏଥର ପଦ୍ମପୁର ଉପନିର୍ବାଚନ ଲଢ଼ାଯିବ । ଉପନିର୍ବାଚନର ପ୍ରମୁଖ ପ୍ରସଙ୍ଗ ହେବ ଚାଷୀଙ୍କ ସମସ୍ୟା । ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଚାଷୀଙ୍କୁ ସରକାର ଠକିଥିବା ଅଭିଯୋଗରୁ ଆରମ୍ଭ କରି ଇନପୁଟ ସବସିଡ ନ ଦେବା , ମରୁଡି ଯୋଗୁ ଫସଲ ନଷ୍ଟ ହୋଇଥିବା ଅଞ୍ଚଳକୁ ମରୁଡି ଅଞ୍ଚଳ ଭାବେ ଘୋଷଣା ଦାବିରେ ଆନ୍ଦୋଳନ କରୁଛନ୍ତି ଚାଷୀ । ଚାଷୀଙ୍କ ଏ ଅଭିଯୋଗକୁ ପ୍ରଶାସନ ଗୌଣ ମଣିବା ର୍ନିବାଚନରେ ଶାସକ ଦଳକୁ ଭାରି ପଡିପାରେ । ଚଳିତ ଖରିଫରେ ବରଗଡ଼ ଜିଲ୍ଲାର ୧,୪୦,୬୨୯ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଛନ୍ତି । ଦୁଇ ବର୍ଷ ହେବ ନାଁ ପଞ୍ଜିକରଣ କରି ବି ସବୁ ଚାଷୀ ଧାନ ବିକ୍ରି କରିପାରି ନଥିଲେ । ମିଲର- ଅଫିସର ମଧୁଚନ୍ଦ୍ରିକା ଓ

## ମରୁଡି ସମସ୍ୟାକୁ ନେଇ ତାତିଲେଣି ଚାଷୀ

ବିଳମ୍ବରେ ମଣ୍ଡି ଖୋଲିବା ଯୋଗୁ ୨୦୨୦-୨୧ ଖରିଫରେ ୨ ଲକ୍ଷ ୮୧ ହଜାର ୩୬୯ ଚାଷୀ ଏବଂ ୨୦୨୧-୨୨ ରେ ୨ ଲକ୍ଷ ୫୦ ହଜାର ୬୬୭ ଜଣ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିପାରି ନଥିଲେ । ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଜିଲ୍ଲା ସ୍ତରରେ ପ୍ରଶାସନ ତଦାରଖ କରୁ ଥିବାରୁ ଚାଷୀ ଠିକ ସମୟରେ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି । ୨୦୨୧ ଖରିଫରେ ବରଗଡ଼ ପଦ୍ମପୁରରେ ସ୍ୱଳ୍ପ ବୃଷ୍ଟି ଓ ମରୁଡି ଯୋଗୁ ହଜାର ହଜତାର ଏକର ଜମିରେ ନଷ୍ଟ ହୋଇଥିଲା ଫସଲ । ରିପୋର୍ଟ ଗଲା ସରକାରଙ୍କ ପାଖକୁ । ହେଲେ ଏ ଯାଏଁ ଚାଷୀଙ୍କୁ ମିଳିଲାନି ଇନପୁଟ ସବସିଡ । ଶତାଧିକ ଚାଷୀଙ୍କୁ ଠକି ଦେଇଛନ୍ତି ସରକାର । କ୍ଷତିପୁରଣ ମିଳବ ବୋଲି କହି ସମୟ ଗଡାଇ ଚାଲଛନ୍ତି । ସେଇଥଇପାଇଁ ଚାଷୀଙ୍କ ରାଗ ଏବେ ପଞ୍ଚମରେ । ଆଗକୁ ର୍ନିବାଚନ ଥିବାରୁ ସରକାରୀ ଦଳ ଉପରେ ରାଗ ଶୁଝାଇବାକୁ ଅଣ୍ଟା ଭିଡିଲେଣି ଚାଷୀ । କେବଳ ମରୁଡି ପାଇଁ ନୁହେଁ ବରଂ ଫସଲ ନଷ୍ଟ ପାଇଁ ବୀମା ଟଙ୍କାରୁ ବି ବଞ୍ଚିତ ହୋଇଛନ୍ତି ଚାଷୀ । ପଶ୍ଚିମ ଓଡିଶାର ଅନେକ ଅଞ୍ଚଳରେ ସମାନ ସମସ୍ୟା । ୨୦୨୧ ଖରିଫରେ ସ୍ୱଳ୍ପ ବୃଷ୍ଟି ପାଇଁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ । ଫସଲହାନି ନେଇ ଏସଆରସିଙ୍କ ପାଖକୁ ଆସିଥିବା ଜିଲ୍ଲାପାଳଙ୍କୁ ଲେଖିଥିଲେ । ଝାରସୁଗୁଡା ଜିଲ୍ଲାରେ ୨୩ ହଜାର ୭୨୧ ହେକ୍ଟର ଜମିରେ ଫସଲ ହାନି ନେଇ ରିପୋର୍ଟ ଦିଆଯାଇଥିଲା । ହେଲେ ଚାଷୀଙ୍କ ଏବେ ବି ମିଳିଲାନି ଇନପୁଟ ସବସିଡି । ଚାଷୀଙ୍କୁ ରାଜ୍ୟ ସରକାର ଭୁଆଁ ବୁଲାଉଥିବାବେଳେ ଯଥାଶୀଘ୍ର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି ଚାଷୀ ଓ ଚାଷୀ ନେତା ।

# ଯବାନଙ୍କ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

ପଦ୍ମପୁର/ବରଗଡ଼: ପାଇକମାଳ ଥାନା ଅଞ୍ଚଳର କେର୍ମେଲାବାହାଲ ଓ ବରତୁଣ୍ଡା ସିଆରପିଏଫ୍ କ୍ୟାମ୍ପ୍ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଞ୍ଚଳର ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସିଆରପିଏଫ୍ କମାଣ୍ଡାଣ୍ଟ ପବନ କୁମାର ତିୱାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସାମିଲ କରି ଅନେକ ସମୟରେ ଲୋକାଭିମୁଖୀ ଯୋଜନାର ସାମଗ୍ରୀ ବଣ୍ଟନ କରୁଥିବା ସହ ଜନସାଧାରଣଙ୍କ ଆସ୍ଥାଭାଜନ ହେବା ପାଇଁ ସବୁବେଳେ ପାୟସ ଜାରି ରଖିଥିବା ପ୍ରକାଶ କରିଥିଲେ । ବରତୁଣ୍ଡା ଠାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଏନିସ୍ପେକ୍ଟର ମେହେବୁର ରହେମାନ୍ ସ୍ୱାଗତ ଭାଷଣ କରିଥିବା ବେଳେ ସମ୍ମାନିତ ଭାବରେ ବରତୁଣ୍ଡା ସରପଞ୍ଚ ରିତା ସୁନା ଯୋଗ ଦେଇ ସିଆରପିଏଫ୍ ଯବାନଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରସଂଶା କରିଥିଲେ । ପରିଶେଷରେ ସେକେଣ୍ଡ କମାଣ୍ଡାଣ୍ଟ ପୀତବାସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି



କେର୍ମେମେଲାବାହାଲ ସିଆରପିଏଫ୍ ଯବାନ କ୍ୟାମ୍ପରେ ମଧ୍ଯ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହିଠାରେ ସଞ୍ଜୟ କୁମାର୍ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ସିଆରପିଏଫ୍ କମାଣ୍ଡାଣ୍ଟ ପବନ କୁମାର ତିୱାରୀ ଯୋଗଦେଇ ଜନସାଧାରଣଙ୍କ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ସହ ଜନସାଧାରଣ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା କହିଥିଲେ ।

## ଅବସରପ୍ରାପ୍ତ ଶିକ୍ଷକ ବାଣ୍ଟିଲେ ଶୀତବସ୍ତ୍ର

ବଲାଙ୍ଗିର: ସେବା ମନୋବୃତ୍ତିରେ ଜଣେ ପୂର୍ବତନ ପ୍ରାଥମିକ ଶିକ୍ଷକ ଶୀତ ବସ୍ତ୍ର ପ୍ରଦାନ କରିଛନ୍ତି । ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଇଁଣ୍ଡାପାଲିରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ପାଣ୍ଡବ ପଧାନ ତାଙ୍କର ପେନ୍‌ସନ୍ ଅର୍ଥରୁ ପଥରଖଣ୍ଡି ଗ୍ରାମରେ ୩୦ ଜଣଙ୍କୁ ବୃଦ୍ଧ, ବୃଦ୍ଧା, ଅସହାୟ ଓ ଅକ୍ଷମ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରିଥିଲେ । ଶୀତ ଦ୍ୱାରା ସେମାନେ ରକ୍ଷା ପାଇବାକୁ ହସ ହସ ମୁହରେ କମ୍ବଳ ଗ୍ରହଣ କରି ପାଣ୍ଡବଙ୍କୁ କୃତଜ୍ଞତା ଜଣାଇବା ସହିତ ଆଶିଷ ପ୍ରଦାନ କରିଥିଲେ ।

## ଶିକ୍ଷା

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।



## Correction of Errors

Wrong : Do you mind to pass me the salt?
Right : Do you mind passing me the salt?
Wrong : Mr.Saxena has contributed articles for this magazine.
Right : Mr.Saxena has contributed articles to this magazine.
Wrong : Raju walked carelessly to the pavilion.
Right : Raju walked to the pavilion carelessly.(adverb of place immediately follows the verb of movement)
Wrong : Odyssey is written by Homer.
Right : 'The Odyssey' is written by Homer. (Article,'the' is used before the name of an epic)
Wrong : I think it will not rain.
Right : I don't think it will rain.
Wrong : More We get,more we want.
Right : The more we get,the more we want.
Wrong : They Were playing football during their University days.
Right : They played football during their University days. “(action in the past for a pretty long period of time is expressed in Simple past tense)
Wrong : Can you say this in his face?
Right : Can you say this on his face?
Wrong : Rabi knew that his brother is innocent.
Right : Rabi knew that his brother was innocent.
Wrong : Fortune favours brave.
Right : Fortune favours the brave.

# ଗାଁକୁ ଭଲ ରାସ୍ତାଟିଏ ନାହିଁ: ପୋଲ ନିର୍ମାଣ ଦାବି



ବୌଦ୍ଧ: ଲୋକେ ଯେଭଳି ଗମନା ଗମନରେ ଅସୁବିଧା ନଭୋଗିବେ ସେଥିପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟରେ ତିଆରି କରୁଛନ୍ତି ରାସ୍ତାଘାଟ ଓ ସେତୁ । ହେଲେ ଆଜିବି ଏଭଳି ଗାଁ ଅଛି ଯେଉଁ ଗାଁକୁ ଯିବାପାଇଁ ନା ଅଛି ଭଲ ରାସ୍ତା ନାଁ ଅଛି ସେତୁ । ଏଣୁ ସବୁଦିନେ ଲୋକଙ୍କ ପାଇଁ ନାଳ ସାଜିଛି କାଳ । ବୌଦ୍ଧ ଜିଲ୍ଲା ଉପାନ୍ତ ଶଗଡା ପଞ୍ଚନା ଅଞ୍ଚଳର ଲୋକେ ଭୋଗୁଛନ୍ତି ଏଭଳି ଅବସ୍ଥା ।

ଗାଁକୁ ଭଲ ରାସ୍ତାଟିଏ ନାହିଁ । କାଦୁଅ ପଚ ପଚ ରାସ୍ତା । ଗାଡି ମୋଟର ତ ଦୂରର କଥା ଚାଲି ଚାଲିକି ଯିବାବି ମୁସ୍କିଲ ହୋଇଯାଉଛି । ସେ ଯାହାବି ହେଉ ଏହି ରାସ୍ତାଦେଇ ଗାଁ ପାଖକୁ ଆସିତ ଯିବେ କିନ୍ତୁ ଏହି ନାଳ ପାରି ହେବାକୁ ହେଲେ ଆପଣଙ୍କୁ ପ୍ୟାଣ୍ଟ ଖୋଲିବାକୁ ପଡିବ । କାରଣ ନାଳରେ ଅଣ୍ଟାଏ ପାଣିଛ ଶଗଡାରୁ ପଞ୍ଚନା ଓ ପଧାନସାହିକୁ ଯିବାକୁ ହେଲେ ଏହି ନାଳ ପାରିହେବାକୁ ପଡେ । ଏହି ରାସ୍ତାଦେଇ ପ୍ରତ୍ୟେକଦିନ ଶଗଡା ପଞ୍ଚାୟତକୁ ଗରିବ ହିତାଧିକାରୀ ରାଶନ ଏବଂ ବୃଦ୍ଧ ବୃଦ୍ଧା ବାର୍ଦ୍ଧକ୍ୟ ଭତ୍ତା ନେବା ପାଇଁ ଆସି ହଇରାଣ ହୁଅନ୍ତି । ଏହି ଅଞ୍ଚଳର ଲୋକଙ୍କ ପାଇଁ ଏହି ଘେସରା ନାଳ ବାଧକ ସାଜିଥିଲେବି କେହି ବୁଝନ୍ତି ନାହିଁ ଏମାନଙ୍କ ଦୁଃଖ । ନିର୍ବାଚନ ଆସିଲେ ନେତା ଆସନ୍ତି ଆଉ ପ୍ରତିଶ୍ରୁତି ବି ମିଳେ । ହେଲେ ନିର୍ବାଚନ ସରିଗଲେ ନେତାମାନେ ପ୍ରତିଶ୍ରୁତି ଭୁଲିଯାଉଥିବା ଅଭିଯୋଗ ହୋଇଛି ।

ଶଗଡାରେ ପଞ୍ଚାୟତ କାର୍ଯ୍ୟାଳୟ ସହ ସ୍କୁଲ୍, କଲେଜ, ଡାକ୍ତରଖାନା ଓ ବ୍ୟାଙ୍କ୍ ରହିଛି । ପ୍ରତ୍ୟେକ ଦିନ ଏହି ଗାଁର କୁନି କୁନି ପିଲା ପାଠ ପଢିବା ପାଇଁ ଶଗଡାକୁ ଆସୁଥିବାବେଳେ ବିପଦଜନକ ଅବସ୍ଥାରେ ସେମାନଙ୍କୁ ଏହି ନାଳ ପାରିହେବାକୁ ପଡେ । ଏଣୁ ପ୍ରତ୍ୟେକ ଦିନ ଅଭିଭାବକ ଓ ବଡ ପିଲାମାନେ ଛୋଟ ପିଲାଙ୍କୁ ପିଠିରେ ବସାଇ ନାଳ ପାର କରାନ୍ତି । ଆଉ ଯେଉଁଦିନ ନାଳରେ ଅଧିକ ପାଣି ଆସିଲା ସେଇଦିନ ପାଠପଢା ବନ୍ଦ । ଏହି ନାଳରେ ସବୁଦିନେ ଏହିଭଳି ପାଣି ରହିଥାଏ । ତେବେ ବର୍ଷାଦିନରେ ଅଧିକ ଅସୁବିଧା ପଆନ୍ତି ଛାତ୍ର ଛାତ୍ରୀ । ଗାଁକୁ ଥିବା ଅନ୍ୟ ରାସ୍ତାଦେଇ ଯିବାକୁ ହେଲେ ଅଧିକ ବାଟଦେଇ ଯିବାକୁ ପଡେ । ଏଣୁ ଏହି ଘେସରା ନାଳ ଉପରେ ଏକ ସେତୁଟିଏ ନିର୍ମାଣ କରିବାକୁ ଦାବି ହୋଇଛି । ସେପଟେ ସରକାରୀ ବିଧି ବ୍ୟବସ୍ଥା ଭିତରେ ଗାଁକୁ ଯିବାପାଇଁ ବ୍ୟବସ୍ଥା କରାଯିବବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ କହିଛନ୍ତି ।

# ଡ଼ାକ୍ତରଖାନାରେ ଅବ୍ୟବସ୍ଥା ଅଭିଯୋଗ

ବଲାଙ୍ଗୀର: ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ଡ଼ାକ୍ତରଖାନାର ଅବ୍ୟବସ୍ଥା ବିରୁଧରେ ୧୩ଦଫା ଦାବୀ ନେଇ ଡାକ୍ତରଖାନା ସମ୍ମୁଖୀନରେ ୪୮ ଘଣ୍ଟା ଅନଶନ ବସିଥିଲା ପ୍ରେସ କ୍ଲବ୍ କଣ୍ଟାବାଞ୍ଜି । ହେଲେ କୌଣସି ପ୍ରକାର ପଦକ୍ଷେପ ନ ନେବା ପ୍ରତିବାଦରେ ପୁଣି ୧୨ ଘଣ୍ଟିଆ କଣ୍ଟାବାଞ୍ଜିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି । ଦୋକାନ ବଜାର ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ବନ୍ଦ ରହିଛି । ପୂର୍ବରୁ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳ ବଲାଙ୍ଗୀରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା । ଦାବି ଉପରେ ସମାଧାନ କରିବା ବଦଳରେ କଣ୍ଟାବାଞ୍ଜିରେ କାର୍ଯ୍ୟରତ ୨ ଡାକ୍ତର ଦେବାଶିଷ ତ୍ରିପାଠୀ, ଡାକ୍ତର ମନୀଷ ହୋତାଙ୍କୁ ବଦଳି କରିବାକୁ ସଂଗଠନ ନିନ୍ଦା କରିଛି । ଏହି ଆନ୍ଦୋଳନକୁ ବିଭିନ୍ନ ସଂଗଠନ ପକ୍ଷରୁ ସମର୍ଥନ କରିଛନ୍ତି ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଦ୍ମପୁର ପାଇଁ...

**ବିଜେଡିରେ ପ୍ରାର୍ଥୀଖୋଜା କସରତ**

ପଦ୍ମପୁର ଉପନିର୍ବାଚନରେ କିଏ ହେବେ ବିଜେଡି ପ୍ରାର୍ଥୀ ? କାହା ଉପରେ ଭରସା କରିବ ଦଳ ? ପ୍ରାର୍ଥୀ ଚୟନ ନେଇ ଧାମନଗରରେ ଯେଉଁ ଭୁଲ୍ ହୋଇଥିଲା, ତାହା ପଦ୍ମପୁରରେ ଯେପରି ରିପିଟ୍ ନହୁଏ ସେଥିପାଇଁ ଚାଲିଛି ଅଙ୍କକଷା । ୨୦୧୯ ବିଧାନସଭା ନିର୍ବାଚନରେ ପଦ୍ମପୁର ଆସନ ବିଜେଡି ଖାତାକୁ ଆସିଥିଲା । ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ନିକଟରେ ତାଙ୍କର ଦେହାନ୍ତ ହୋଇଯିବାରୁ ପଦ୍ମପୁରରେ ଉପନିର୍ବାଚନ ହେବାକୁ ଯାଉଛି । ଫଳରେ ବିଜେଡିରେ ଟିକେଟ ଆଶାୟୀଙ୍କ ସଂଖ୍ୟା ବି ଚାଲିଛି । ବିଜେଡିରୁ ପ୍ରାର୍ଥୀ ହେବା ନେଇ ଦିବଂଗତ ବିଜୟ ରଂଜନ ସିଂ ବରିହାଙ୍କ ପରିବାରରୁ ସାମ୍ନାକୁ ଆସୁଛି ଦୁଇଟି ଚେହେରା । ଜଣେ ବିଜୟଙ୍କ ଧର୍ମପତ୍ନୀ ତିଳୋତ୍ତମା ସିଂ ବରିହା ଓ ଅନ୍ୟ ଜଣେ ହେଲେ ତାଙ୍କ ପୁତୁରା ବୋହୂ ମାଧବୀ ସିଂ ବରିହା । ସେହିପରି ନୂଆପଡ଼ାରେ ସହକାରୀ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ମହେନ୍ଦ୍ର ବଢେଇଙ୍କ ନାଁ ବି ଚର୍ଚ୍ଚାକୁ ଆସିଛି । ତା'ଛଡ଼ା ପଦ୍ମପୁରର କିଛି ନେତା ମଧ ଟିକେଟ ଦୌଡ଼ରେ ରହିଛନ୍ତି । ତେବେ ଏମାନଙ୍କ ଭିତରୁ ଦଳ କାହାକୁ ପ୍ରାର୍ଥୀ କରିବ ତାହା ଏଯାଏଁ ଚୂଡ଼ାନ୍ତ ହୋଇପାରିନାହିଁ । ନିକଟରେ ଧାମନଗରରେ ଶେଷ ହୋଇଥିବା ଉପନିର୍ବାଚନ ଫଳାଫଳକୁ ଦୃଷ୍ଟିରେ ରଖି ବିଜେଡି ପଦ୍ମପୁର ବିଜୟ ପାଇଁ ଅଙ୍କ କଷୁଛି । ତେଣୁ ଦଳ ମାପିଚୁପି ପଦକ୍ଷେପ ନେବ ବୋଲି ରାଜନୀତି ପଣ୍ଡିତମାନେ ମତ ଦେଉଛନ୍ତି ।

**କଂଗ୍ରେସରେ ଆଶାୟୀ ଅନେକ**

ପଦ୍ମପୁର ହେଉଛି କଂଗ୍ରେସର ପୁରୁଣା ଗଡ଼ । ତେଣୁ ପୁଣିଥରେ ଏଠାରେ ଭଲ ପ୍ରଦର୍ଶନ କରିବା ଲାଗି କଂଗ୍ରେସ ଅଣ୍ଟା ଭିଡ଼ିଛି । କଂଗ୍ରେସ ନେତା କିଶୋର ପଟେଲ, ସନ୍ତୋଷ ସିଂ ସାଲୁଜା ଏବଂ ଅଧିରାଜ ପାଣିଗ୍ରାହୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ଏହି କମିଟି ପଦ୍ମପୁର ଆସି ତୃଣମୂଳ ସ୍ତରର ନେତା ଓ କର୍ମୀଙ୍କୁ ଭେଟି କିଏ ପ୍ରାର୍ଥୀ ହେଲେ ଦଳକୁ ଲାଭ ମିଳିବ ସେ ବିଷୟରେ ଆଲୋଚନା କରିଛନ୍ତି । ଏହି କମିଟି ବର୍ତ୍ତମାନ ୪ ଜଣଙ୍କ ନାଁ ପ୍ରାର୍ଥୀ ପାଇଁ ସୁପାରିଶ କରିଛି । ସେମାନଙ୍କ ଭିତରେ ଅଛନ୍ତି ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ସୁନୀଲ ଅଗ୍ରୱାଲ, ଚମ୍ପେକେଶ୍ୱର ପୁରୋହିତ ଏବଂ ଗଜରାଜ ସିଂ ପୁଟା । ଏଆଇସିସି ଏହି ୪ ନାଁ ଭିତରୁ କାହା ଉପରେ ମୋହର ମାରୁଛନ୍ତି ତାକୁ ହିଁ ସମସ୍ତେ ଅପେକ୍ଷା କରିଛନ୍ତି ।

### ବଜାରରୁ ଖାଲି ହେବ ...

କାହାରିକୁ ନଗଦ ୨ ହଜାର ଟଙ୍କିଆ ନୋଟ୍ ଦେଉଛି । କରୋନା ପ୍ରକୋପ କମିବା ପରେ ୨୦୨୧ରେ ଆରବିଆଇ ୨ ହଜାର ଟଙ୍କିଆ ନୋଟ୍‌କୁ ଫେରାଇ ଆଣିବା ପାଇଁ ଉଦ୍ୟମ କରିଥିଲା । ଏହି ଉଦ୍ୟମ ଏବେ ସଫଳ ରୂପ ନେଉଥିବା ଦେଖିବାକୁ ମିଳୁଛି । ବ୍ୟାଙ୍କ୍ ଏଟିଏମ୍‌ରେ ୨ ହଜାର ଟଙ୍କିଆ ନୋଟ୍ ମିଳୁନାହିଁ । ତେବେ ଆରବିଆଇ ନିର୍ଦ୍ଦେଶକ୍ରମେ ବ୍ୟାଙ୍କ୍ ଗୁଡିକ ଏଟିଏମ୍‌ରେ ୨ ହଜାର ଟଙ୍କିଆ ନୋଟ୍ ଭରୁନାହାଁନ୍ତି । ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ଏଟିଏମ୍‌ରୁ ୨ ହଜାର ଟଙ୍କିଆ ନୋଟ୍ ପାଇଁ ଉଦ୍ଦିଷ୍ଟ ବମ୍‌କୁ କାଢି ଦିଆଯାଇଛି । ଏହାର ପ୍ରଚଳନକୁ ରୋକିବା ପାଇଁ ଆରବିଆଇ ନୋଟ୍‌କୁ ନିଜ ପାଖରେ ମହଜୁଦ କରୁଛି । ୨୦୨୨ ଶେଷ ସୁଦ୍ଧା ନୋଟ୍‌କୁ ସମ୍ପୂର୍ଣ୍ ରୂପେ ପ୍ରଚଳନରୁ ବାହାରକୁ ଆଣିବା ଲକ୍ଷ୍ୟ ରଖିଛି ଏସବିଆଇ । ଗ୍ରାହକମାନେ ଯେଉଁଭଳି ଭାବେ ଅଯଥା ଭୟଭୀତ ନହେବେ ତାହାକୁ ଧ୍ୟାନରେ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏକକାଳୀନ ଭାବେ ୨ ହଜାର ଟଙ୍କିଆ ନୋଟ୍‌ର ପ୍ରଚଳନରୁ ହଟାଇ ଦିଆଗଲେ ନୋଟ୍ ରଖିଥିବା ଲୋକେ ପ୍ରତିକ୍ରିୟାଶୀଳ ହେବେ । ଏଣୁ ଛପା ବନ୍ଦ ହେବା ପୂର୍ବ ପର୍ଯ୍ୟନ୍ତ ପ୍ରଚଳନରେ ଥିବା ନୋଟ୍‌ର ସିଂହ ଭାଗ ଆରବିଆଇ ପାଖକୁ ଫେରିଆସିବା ପରେ ନୋଟ୍‌ର ପ୍ରଚଳନକୁ ବିଦ୍ଧିବଦ୍ଧ ଭାବେ ବନ୍ଦ କରିବା ନେଇ ନିଷ୍ପତ୍ତି ଆସିବାର ସମ୍ଭାବନା ରହିଛି ବୋଲି ରାଜ୍ୟ ଆରବିଆଇ ଅଧିକାରୀମାନେ ମତପୋଷଣ କରୁଛନ୍ତି । ଗଲା ୨ ବର୍ଷ ହେଲା ୨ହଜାର ଟଙ୍କିଆ ନୋଟ୍ ଛପା ବନ୍ଦ ହୋଇସାରିଛି । ଜାତୀୟ ସ୍ତରରେ ଛପା ବନ୍ଦ ହେବା ବେଳକୁ ୩ ହଜାର ୩୬୨ ମିଲିୟନ ନୋଟ୍ ପ୍ରଚଳନରେ ରହିଥିଲା । ଏହାପରେ ୨୦୨୧ ଫେବ୍ରୁଆରୀ ବେଳକୁ ପ୍ରଚିଳତ ନୋଟ୍ ସଂଖ୍ୟା ୨ହଜାର ୪୯୯ ମିଲିୟନକୁ ଖସିଆସିଲା । ସମ୍ପ୍ରତି ନୋଟ୍‌ର ପ୍ରଚଳନ ସଂଖ୍ୟା ଆହୁରି ଖସିସାରିଛି । ଯଦିଏ ନୋଟ୍ ବିଦ୍ଧିବଦ୍ଧ ଭାବେ ପ୍ରଚଳନରେ ରହିଛି ବଜାରରେ ନୋଟ୍‌ର ସଂଖ୍ୟାକୁ ସର୍ବନିମ୍ନ ସ୍ତରକୁ ଆଣି ନୋଟ୍‌ର ପ୍ରଚଳନକୁ ଔପଚାରିକ ଭାବେ ବନ୍ଦ କରିବା ପାଇଁ ଆରବିଆଇ ଯୋଜନା କରୁଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ତେବେ ୟୁପିଆଇର ବହୁଳ ବ୍ୟବହାର ୨ ହଜାର ଟଙ୍କିଆ ନୋଟ୍‌ର ପ୍ରଚଳନ ବଜାରରେ କମିବା ପଛର କାରଣ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ରଖୁଛନ୍ତି ।

# ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ପାଳିତ



ରାୟଗଡ: ଅଶୋକ କଲ୍ୟାଣ ମଣ୍ଡପ ଠାରେ ପାଳନ କରଯାଇଥିଲା ମାଣ୍ଡିଆ ଦିବସ । ଉକ୍ତ ଦିବସରେ ଜିଲ୍ଲାପାଳ ସ୍ୱଧା ଦେ ସିଂ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କ ଦ୍ୱାରା ଏବଂ ସ୍ୱେଛାସେବୀ ଅନୁଷ୍ଠାନ ଦ୍ୱାରା କରାଯାଇଥିବା ପ୍ରଦର୍ଶନ ଗୁଡିକ ବୁଲି ଦେଖିଥିଲେ । ଏହି ଦିବସରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମଧରେ ମାଣ୍ଡିଆରୁ ବିଭିନ୍ନ ସୁସ୍ୱାଦୁକର ଖାଦ୍ୟ ପ୍ରସ୍ତୁତି ଉପରେ ପ୍ରତିଯୋଗିତା କରଯାଇଥିଲା ଏବଂ ସର୍ବଶେଷରେ ଏଡିଏମ, ରାୟଗଡ଼ ଧର୍ମାନନ୍ଦ ବେହେରାଙ୍କ ଦ୍ୱାରା ପ୍ରଥମ ବିଜେତା ମା ଗାୟତ୍ରୀ ମହିଳା ସ୍ୱୟଂ ଗୋଷ୍ଠି, କୋଲନରଛଙ୍କୁ ୨୦ ହଜାର, ଦ୍ୱିତୀୟ ବିଜେତା ସ୍ୱାଗତଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠି କାଶୀପୁରଙ୍କୁ ୧୫ ହଜାର ଓ ତୃତୀୟ ବିଜେତା ଅଗ୍ନିଗଙ୍ଗା ମହିଳା ସ୍ୱୟଂ ସହାୟକ ଗୋଷ୍ଠି କଲ୍ୟାଣସିଙ୍ଗପୁରଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା ।

# ୧୦ଟି ଗାଁରେ ପିଉଛନ୍ତି ଫ୍ଲୋରାଇଡଯୁକ୍ତ ପାଣି

ବାଲେଶ୍ୱର: ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ବାଲିପାଳ ପଞ୍ଚାୟତରେ ଫ୍ଲୋରାଇଡ଼ ଆତଙ୍କ ଦେଖାଦେଇଛି । ଲୋକେ ପିଉଛନ୍ତି ଫ୍ଲୋରାଇଡ ଯୁକ୍ତ ପାଣ । ପଞ୍ଚାୟତର ୧୦ଟି ଗାଁର ଲୋକେ ଏବେ ଫ୍ଲୋରାଇଡ଼ ପାଣି ପିଇ ଭୋଗୁଛନ୍ତି ବାର୍ଦ୍ଧକ୍ୟ । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ସମସ୍ତେ ଏବେ ହାତ ଗୋଡ ଗଣ୍ଠି ବଥା, ଗୋଡ଼ ବଙ୍କା ହୋଇଯିବା, ମେରୁଦଣ୍ଡ ବଙ୍କା ସହ ୨୦/୨୫ବର୍ଷ ଯୁବକ ଯୁବତୀ ଭୋଗୁଛନ୍ତି ବାର୍ଦ୍ଧକ୍ୟ । ଗାଁ ଲୋକେ ପ୍ରଶାସନ ଠୁ ଆରମ୍ଭ କରି ରାଜନେତାଙ୍କୁ ବାରମ୍ବାର ଜଣାଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରୁନି । ଯାହାକୁ ନେଇ କୁନି କୁନି ପିଲାଙ୍କ ଭବିଷ୍ୟତ ନେଇ ଏବେ ଚିନ୍ତାରେ ଗ୍ରାମବାସୀ ।

ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ପତ୍ରିପାଳ ପଞ୍ଚାୟତର ଲୋକେ ପାଣି ଟୋପେ ପାଇଁ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରୁଛନ୍ତି । ଏ ସମସ୍ୟା ଏ ଅଞ୍ଚଳର ନୂଆ ନୁହଁ । ଦୀର୍ଘ ୨୦ବର୍ଷ ହେବ ଗାଁର ଲୋକେ ବିଷ ପାଣି ପିଉଥିବା ଅଭିଯୋଗ କରିଛନ୍ତି । ଏଠାକାର ପାଣିରେ ଫ୍ଲୋରାଇଡ଼ ବାହାରୁଥିବାରୁ ଗାଁର ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ୧୨/୧୩ ବର୍ଷର ଯୁବକମାନେ ପାଲଟି ଯାଉଛନ୍ତି ବୃଦ୍ଧ । କାହାର ଦାନ୍ତ କଷ ପଡିଯାଉଛି ତ କାହାର ସମ୍ପୂର୍ଣ୍ଣ ଦେହ ବଙ୍କା ପଡିଯାଉଛି । ଆଉ କାହାର ୩୦/୪୦ବୟସରେ ମୃତ୍ୟୁ ହେଉଛି । ସରକାରୀ ବାବୁ ଓ ସରକାରଙ୍କୁ ବାରମ୍ବାର ଗ୍ରାମବାସୀ ମାନେ ହାରି ଗୁହାରି ହୋଇ ଏହାର ସ୍ଥାୟୀ ସମାଧାନ ପାଇଁ ଜଣାଇଛନ୍ତି । ହେଲେ ଲୋକଙ୍କ ଜୀବନ ପାଇଁ ସରକାର ଟିକେ ବି ଚିନ୍ତା କରୁନାହାନ୍ତି । ସେପଟେ କେନ୍ଦ୍ର ସରକାର ୨୦୨୪ ସୁଦ୍ଧା ଦେଶର ସମସ୍ତଙ୍କ ଘରକୁ ହର ଘର ଜଳ ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ଲକ୍ଷ ରଖି କୋଟି କୋଟି ଟଙ୍କାର ରାଜ୍ୟ ସରକାରଙ୍କୁ ଦେଉଥିଲେ ସୁଦ୍ଧା ରାଜ୍ୟ ସରକାର ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ ସମୟ ଶାସନରେ ଥିବାବେଳେ ଲୋକଙ୍କୁ ପିଇବା ପାଣି ଟୋପେ ନ ପହଞ୍ଚାଇ ପାରିବା ଦୁର୍ଭାଗ୍ୟର ବିଷୟ । ରେମୁଣା ପତ୍ରିପାଳ ପଞ୍ଚାୟତର ଲୋକେ ଏ ନେଇ ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ବହୁବାର ଆନ୍ଦୋଳନ କରିଥିଲେ ସୁଦ୍ଧା ସରକାର ସେମାନଙ୍କ ଜୀବନ ପ୍ରତି ଧ୍ୟାନ ନ ଦେଇ କେବଳ ଭୋଟ ପାଇଁ ବିଭିନ୍ନ ପ୍ରତିଶ୍ରୁତିର ପାହାଡ଼ ଠିଆ କରେ ବୋଲି କହିଛନ୍ତି ସ୍ଥାନୀୟ ଲୋକେ ।

# ଉତ୍କଳୀୟ ନୌବାଣିଜ୍ୟର ମୂକସାକ୍ଷୀ

# ବାଲିଯାତ୍ରା



ଆମ ରାଜ୍ୟ ଉତ୍କଳ ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ ରାଷ୍ଟ୍ର । ଏହି ଭୂମି ନୌବାଣିଜ୍ୟ ପରମ୍ପରାର ସମୃଦ୍ଧ ବାହକ । ନୌବାଣିଜ୍ୟର ସମୃଦ୍ଧ ପରମ୍ପରା ଆମ ଲୋକକଥା, ଲୋକଗୀତ, ପ୍ରଚଳିତ ପ୍ରବାଦ ଓ ପ୍ରବଚନ, ଇତିହାସ ଓ ସାହିତ୍ୟରେ ପ୍ରତିଫଳିତ । ଅତୀତ ଉତ୍କଳର ଗୌରବମୟ ସଂସ୍କୃତିର ବାର୍ତ୍ତା ବହନକରେ ବାଲିଯାତ୍ରା । ତଥପୋଇ କିମ୍ବଦନ୍ତି ଏହି ପରମ୍ପରାରେ ରୋମାଞ୍ଚ ଭରିଦିଏ । 'ଆ-କା-ମା-ବୈ' ପ୍ରତି ଓଡ଼ିଆଙ୍କ ରକ୍ତବିନ୍ଦୁରେ ଗୁଞ୍ଜରିତ ହୁଏ । ଆଉ ସେହି ପରମ୍ପରାକୁ ଉତ୍ସବ ଭାବେ ପାଳନ କରିବା ନିମିତ୍ତ ସରକାରଙ୍କ ପ୍ରୟାସରେ କଟକରେ ଅନୁଷ୍ଠିତ ହୁଏ ବାଲିଯାତ୍ରା । କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଛି ଐତିହାସିକ କଟକ ବାଲିଯାତ୍ରା । ବାଲିଯାତ୍ରା ଏପରି ଏକ ଗଣମହୋତ୍ସବ ଯାହା ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କଙ୍ଗୋ ଓ କୋଶଳର ସମନ୍ୱୟଭିତ୍ତିକ ଯାତ୍ରା । ଆଧୁନିକ ଓଡ଼ିଶା ହେଉଛି ଏସବୁର ପରିବର୍ତ୍ତିତ ରୂପ । ଏହି ଯାତ୍ରା କାର୍ତ୍ତିକ ମାସର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥାଏ । ପୂର୍ବ କାଳରେ ସାଧବମାନେ ବୋଇତରେ ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ (ଏବେକାର ଇଣ୍ଡୋନେସିଆ) ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଇ ଧନ ରତ୍ନ ଧରି ସ୍ୱଦେଶ ଫେରୁଥିଲେ । ଆଜି ଅଉ ସେ ପରମ୍ପରା ନାହିଁ ସତ କିନ୍ତୁ ଏହାର ସ୍ମୃତିରେ ଉପକୂଳ ଅଞ୍ଚଳରେ ବାଲିଯାତ୍ରାର ଆୟୋଜନ କରାଯାଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଓଡ଼ିଆମାନେ 'ଆ-କା-ମା-ବୈ' ଗୀତ ବୋଲି ଡଙ୍ଗା ଭସାଇ ଓଡ଼ିଶାର ଏହି ଅତୀତର ଇତିହାସକୁ ମନେପକାଇଥାନ୍ତି । ଏହି ସମୟକୁ ସାଧବମାନେ ବେପାର-ବଣିଜ ପାଇଁ ପ୍ରକୃଷ୍ଟ ସମୟ ଭାବୁଥିଲେ କାରଣ ପବନର ଗତି ସେମାନଙ୍କ ଯାତ୍ରାକୁ ସହଜ କରୁଥିଲା । କଟକଠାରେ ବାଲିଯାତ୍ରା ପ୍ରତି ବର୍ଷ ଗଡ଼ଗଡ଼ିଆ ଘାଟ ଓ ବାରବାଟି ଦୁର୍ଗ ନିକଟରେ ଅନୁଷ୍ଠିତ ହୋଇଥାଏ । ଏଠାକୁ ଓଡ଼ିଶା ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ବ୍ୟବସାୟୀ ଆସିଥାନ୍ତି । ବାଲିଯାତ୍ରା ଯାହା ଡଙ୍ଗାଭସା ବା ବୋଇତ ବନ୍ଦାଣ ନାମରେ ଜଣା ଓଡ଼ିଆର ପ୍ରମୁଖ ପର୍ବ । ବାଲିଯାତ୍ରା ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟର ଦିଗ୍‌ଦର୍ଶନ ।

### ☆ ବାଲିଯାତ୍ରାର ଇତିହାସ

ବାଲି ଅର୍ଥାତ ଅଧୁନ ଇଣ୍ଡୋନେସିଆର ବାଲିଦ୍ୱୀପ ଯାହା ସହ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ରହିଥିଲା । ଓଡ଼ିଆ ସାଧବ ପୁଅ ଅର୍ଥାତ୍ ବଣିକ ଗୋଷ୍ଠିର ପ୍ରତିନିଧି ଗଣ ବାଲି ଦ୍ୱୀପ ସହ ଯାଭା, ସୁମାତ୍ରା, ବୋର୍ଣିଅ ଦ୍ୱୀପମାନଙ୍କ କାର୍ତ୍ତିକ ପୂର୍ଣ୍ଣିମା ଦିନ ଗମନ କରୁଥିଲେ ଏବଂ ବ୍ୟବସାୟରୁ ପ୍ରାପ୍ତ ଧନସମ୍ପଦ ଉତ୍କଳର ଅର୍ଥନୀତିକୁ କରୁଥିଲେ ସମୃଦ୍ଧ । ଯଦିଓ ଅନ୍ୟାନ୍ୟ ଅଞ୍ଚଳ ସହ ବାଣିଜ୍ୟିକ ସମ୍ପର୍କ ରହିଥିଲା, କିନ୍ତୁ ବାଲି ଦ୍ୱୀପ ପେଣ୍ଠସ୍ଥଳୀ ଭାବେ ପରିଗଣିତ ଥିଲା । ଏଣୁ ଏଭଳି ନାମକରଣ କରାଜାଇଛି ବୋଲି ଅନୁମାନ କରାଯାଏ । ଅନ୍ୟମତାନୁସାରେ କାର୍ତ୍ତିକ ପୂର୍ଣ୍ଣିମାରେ ଉଚ୍ଚାରିତ ଆ-କା-ମା-ବୈ ଶବ୍ଦ ବର୍ଷର ମୁଖ୍ୟ ଚାରିମାସ ଯାହା ଯଥା-ଆଷାଢ଼, କାର୍ତ୍ତକ,ମାର୍ଗଶୀର ଏବଂ ବୈଶାଖ। ସେଥିରେ ଧର୍ମ କର୍ମ ସମୂହ ତଥା ଇଶ୍ୱରୋପାସନା କରିବାକୁ ଦର୍ଶାଏ ।

### ☆ ଐତିହାସିକ ତଥ୍ୟ

ବାଲିଯାତ୍ରା କେବେ ଓ କାହିଁକି ଆରମ୍ଭ ହେଇଥିଲା ତାହା ସଠିକ ଭାବରେ ନିର୍ଦ୍ଧାରିତ ହୋଇ ନାହିଁ । ତଥାପି ଐତିହାସିକ ମତ ଅନୁସାରେ ସୋମବଂଶୀ ରାଜା ଉଦ୍ୟୋତକେଶରୀ ସିଂହଳ ଦେଶ ବିଜୟ କରି ଜଳପଥରେ ଫେରିବାର ସ୍ମୃତିରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି ବୋଲି ସୂଚନା ମିଳେ । ଏହା ଏକ ଐତିହାସିକ ସତ୍ୟ ହୋଇପାରେ । ମହାରାଜା ଉଦ୍ୟୋତକେଶରୀ ଚୋଳରାଜା ମାଧବ ବର୍ମାଙ୍କୁ ପରାଜିତ କରି ସମ୍ପୂର୍ଣ୍ଣ ଦକ୍ଷିଣାପଥ ବିଜୟ କରିବା ପରେ ସିଂହଳ ଆକ୍ରମଣ କରିଥିଲେ । ସିଂହଳରେ ସେତେବେଳେ ରାଜାଥିଲେ ଚିତ୍ରକେୟୁର । ସିଂହଳ ବିଜୟ ପରେ ମଣିମୁକ୍ତା ପ୍ରଭୃତି ଧନରତ୍ନ ସେ ସଙ୍ଗରେ ଆଣିଥିଲେ । ସେ ଜଳପଥରେ ଆସି ମହାନଦି ମୂହାଣ ଦେଇ ନିରାପଦ ସ୍ଥାନ କଟକଦ୍ୱୀପରେ ପହଞ୍ଚି ବିଶ୍ରାମ ନେଇଥିଲେ । ସେତିକି ବେଳେ ଏହି ଯାତ୍ରା ଆରମ୍ଭ ହୋଇଥିବା ସମ୍ଭବ । ଲୋକ ମୁଖରେ ପ୍ରସିଦ୍ଧିଥିଲା ସାଧବ ପୁଅ ବାଲି-ସୁମାତ୍ରା-ବର୍ଣ୍ଣିଓ ଯାଉଥିଲେ ବୋଲି, ସିଂହଳବିଜୟ କରି ଫେରିଲେ ବି ବାଲିରୁ ଫେରିଲେ ବୋଲି ତୁଣ୍ଡରେ ତୁଣ୍ଡକୁ ଯାଇ ବାଲିଯାତ୍ରା ହୋଇଥିବା ସମ୍ଭବ ।

### ☆ ବର୍ତ୍ତମାନର ବାଲିଯାତ୍ରା

ବର୍ତ୍ତମାନ କଟକ ସହରରେ ଏବଂ ପାରିବାରିକ ଉତ୍ସବଭାବେ ବାଲିଯାତ୍ରା ଉତ୍ସବ ପାଳନ ହେଉଛି । ଅନେକ ବ୍ୟବସାୟି ବାଣିଜ୍ୟମେଳାରେ ଅଂଶଗ୍ରହଣ କରି ନିଜର ଦ୍ରବ୍ୟ ବିକ୍ରି କରି ଉପଯୁକ୍ତ ପାରିଶ୍ରମିକ ଲାଭ କରୁଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି । ଯେଉଁଥିରେ ସ୍ଥାନୀୟ କଳାକାର ନିଜର ଗାନ୍ଧର୍ବ କଳା ପ୍ରଦର୍ଶିତ କରି ଅନେକ ପ୍ରଶଂସା ସାଉଁଟିବା ସହ ଦେଶ ବିଦେଶରେ ପରିଚିତ ହେଉଛନ୍ତି । ଆଠଦିନ ବ୍ୟାପି ଏହି ମହୋତ୍ସବରେ ଏକ ହଜାରରୁ ଉର୍ଦ୍ଧ୍ୱ ଷ୍ଟଲ୍ ମାନ ବସାଯାଇ ହସ୍ତଶିଳ୍ପ, କାରୁକାର୍ଯ୍ୟ, ପାରମ୍ପାରିକ ଦ୍ରବ୍ୟ, ଘରୋଇ ଉପକରଣ, ଆସବାବପତ୍ର ଆଦି ବିକ୍ରିହୁଏ । ଏଥିସହ କଟକର ପ୍ରସିଦ୍ଧ ଦହିବରା ଆଳୁଦମ୍ ବ୍ୟଞ୍ଜନଟି ଏତେ ମାତ୍ରାରେ ପ୍ରଚାର ପ୍ରସାର ହୁଏ ଅଂଶଗ୍ରହଣକାରୀଙ୍କ ମନରେ ପ୍ରତିୟମାନ ହୁଏ ଯେ, କେବଳ ଏଥିନିମନ୍ତେ ଉତ୍ସବଟି ଆୟୋଜିତ ହେଉଛି ।

### ☆ ଦୁଇ ବର୍ଷ ପରେ କଟକଣା ମୁକ୍ତ ବାଲିଯାତ୍ରା

କୋଭିଡ ମହାମାରୀ ଯୋଗୁ ଦୁଇ ବର୍ଷ ଧରି ବନ୍ଦ ରହିଥିଲା ବାଲିଯାତ୍ରା । ଦୁଇ ବର୍ଷ ପରେ ଏଥର ଆୟୋଜନ ହୋଇଛି କଟକଣା ମୁକ୍ତ ବାଲିଯାତ୍ରା । ବାଲିଯାତ୍ରା ପଡ଼ିଆରେ ଭିଡ ଜମୁଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ବାଲିଯାତ୍ରାର ମଜା ନେଉଛନ୍ତି । ଏଥର ବାଲିଯାତ୍ରାକୁ ଆକର୍ଷଣୀୟ କରିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ସହ ବିଭିନ୍ନ ସୁଆଦିଆ ଖାଦ୍ୟର ପସରା ପଡ଼ିଛି । ଏହା ସାଙ୍ଗକୁ ଘରକରଣା ସାମଗ୍ରୀସାଙ୍ଗକୁ ବିଭିନ୍ନ ଦୋଳିର ମଜା ନେଉଛନ୍ତି ଦର୍ଶକ ।

### ☆ ଭିଡ଼ ନିୟନ୍ତ୍ରଣ ପାଇଁ ୫୦ ପ୍ଲାଟୁନ୍ ଫୋର୍ସ

ଏ ବର୍ଷ ଲୋକଙ୍କ ଭିଡ଼ ଜମିବାର ଯଥେଷ୍ଟ ସମ୍ଭାବନା ରହିଛି । ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଛି କମିଶନରେଟ ପୋଲିସ୍ । ଭିଡ଼ ନିୟନ୍ତ୍ରଣ ଲାଗି କଟକ ସହର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ କେଉଁ ରାସ୍ତାରେ ଗାଡ଼ି ଯିବ ସେନେଇ ଗାଇଡ ଲାଇନ ମଧ୍ୟ ଜାରି କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ତଳ ଏବଂ ଉପର ବାଲିଯାତ୍ରା ପଡ଼ିଆରେ ସିସିଟିଭି ବ୍ୟବସ୍ଥା କରାଯାଇଛି । ଭିଡ଼ ନିୟନ୍ତ୍ରଣ ପାଇଁ ନିୟୋଜିତ ହୋଇଛନ୍ତି ୫୦ ପ୍ଲାଟୁନ୍ ଫୋର୍ସ । ଏଥର ବାଲିଯାତ୍ରାକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

### ☆ କିଣାବିକା ଲାଗି ୧୬୦୦ ଷ୍ଟଲ୍

ମହାନଦୀ କୂଳରେ ବାଲିଯାତ୍ରା ପଡ଼ିଆରେ ବାଲିଯାତ୍ରା ଆୟୋଜନ ପାଇଁ ପ୍ରଶାସନ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଛି । ଚଳିତ ବର୍ଷ ମୋଟ ୧୦୦ ଏକର ଜାଗାରେ ବାଲିଯାତ୍ରାର ଆୟୋଜନ କରାଯାଇଛି । କିଣାବିକା ଲାଗି ୧୬୦୦ ଷ୍ଟାଲ୍ ଖୋଲାଯାଇଛି । ଷ୍ଟଲଗୁଡ଼ିକରେ ହସ୍ତଶିଳ୍ପ, କାରୁକାର୍ଯ୍ୟ, ପାରମ୍ପାରିକ ସାମଗ୍ରୀ, ଘରୋଇ ଉପକରଣ ଏବଂ ଆସବାବ ସାଙ୍ଗକୁ ବିଭିନ୍ନ ସୁଆଦିଆ ଖାଦ୍ୟର ପସରା ମେଳିଛି । ବାଲିଯାତ୍ରା ପଡ଼ିଆରେ ଦର୍ଶକଙ୍କ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି ।

## ଭୁବନେଶ୍ୱରରେ ବାଲିଯାତ୍ରା

ଆରମ୍ଭ ହୋଇଛି ଭୁବନେଶ୍ୱର ବାଲିଯାତ୍ରା । ଭୁବନେଶ୍ୱର କୁଆଖାଇ ନଦୀପଠା ବାଲିଯାତ୍ରା ପଡ଼ିଆରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଛି ଏ ବର୍ଷର ବାଲିଯାତ୍ରା । ଦୁଇବର୍ଷ ପରେ ଭୁବନେଶ୍ୱରରେ ବାଲିଯାତ୍ରା ଆୟୋଜନ କରାଯାଇଥିବାରୁ ଲୋକଙ୍କ ମନରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ରାଜଧାନୀ ବାଲିଯାତ୍ରାର ମଜା ନେଉଛନ୍ତି । କେବଳ ଭୁବନେଶ୍ୱରୀଆ ନୁହଁନ୍ତି ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟୁଛି ବାଲିଯାତ୍ରାକୁ । ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାନା ଘରକରଣା ସାମଗ୍ରୀ, ତା' ସାଙ୍ଗକୁ ସୁଆଦିଆ ଖାଦ୍ୟର ଆନନ୍ଦ ନେଉଛନ୍ତି ଲୋକେ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କୁ ସୁହାଉଛି ଭୁବନେଶ୍ୱରର ଏହି ବାଲିଯାତ୍ରା । ବିଭିନ୍ନ ଦୋଳି ଏବଂ ଖେଳଣା ଦୋକାନ ଆଗରେ ପିଲାଙ୍କ ଅଝଟ ଦେଖିବାକୁ ମିଳୁଛି । ସେହିପରି ପିଲାଙ୍କ ମନୋରଞ୍ଜନ ପାଇଁ ମୀନାବଜାରର ବ୍ୟବସ୍ଥା ମଧ୍ୟ କରାଯାଇଛି । ଚଳିତ ବର୍ଷ ଭୁବନେଶ୍ୱରରେ ଆୟୋଜନ କରାଯାଇଛି ବାଲିଯାତ୍ରାର ଚତୁର୍ଥ ସଂସ୍କରଣ । ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ଏହି ବାଲିଯାତ୍ରା କୋଭିଡ ମହାମାରୀ ପାଇଁ ଦୁଇବର୍ଷ ହୋଇ ପାରିନଥିଲା । ଦୁଇବର୍ଷ ପରେ ଆୟୋଜିତ ଏହି ବାଲିଯାତ୍ରାକୁ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟନ କରାଯାଇଛି । ଏଥରରେ ପ୍ରାୟ ୫୦୦ ଷ୍ଟଲ୍ ପଡ଼ିଥିବାବେଳେ ୫୦ରୁ ଅଧିକ ବେପାରୀ ଖୋଲାରେ ବିକ୍ରି କରୁଛନ୍ତି । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହି ବାଲିଯାତ୍ରା ଚାଲିବାକୁ ଥିବା ବେଳେ ପ୍ରତି ସଂଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ସଂଗୀତ ପରିବେଷଣ ସହ ପାରମ୍ପରିକ ଲୋକନୃତ୍ୟର ଆସର ଜମିବ ବୋଲି ସୂଚନା ମଳିଛି ।



Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ